ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୬ ଜୁଲାଇ , ୨୦୨୩

**ଦୁର୍ଘଟଣାରେ ବାଇକ୍ ଚାଳକ ମୃତ**

ବୋରିଗୁମ୍ମା, (ବିଜୟ ସାହୁ) -କୋରାପୁଟ ଜିଲା ବୋରିଗୁମ୍ମା ୨୬ନମ୍ବର ଜାତୀୟ ରାଜପଥ ଜୟନ୍ତଗିରି ନିକଟରେ ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୭.୩୦ରେ ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଚିକମା ଗାଁର ଧନପତି ପୂଜାରୀ। ସୂଚନାନୁଯାୟୀ, ଧନପତି ଜୟପୁରରୁ ନିଜ ଗାଁ ଚିକମା ଫେରିବାବେଳେ ଜୟନ୍ତଗିରି ନିକଟରେ ଏକ ଟ୍ରକ ପଛପଟୁ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କ ମୁଣ୍ଡରେ ଆଘାତ ଲାଗିବାରୁ ପ୍ରବଳ ରକ୍ତ ସ୍ରାବ ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ବୋରିଗୁମ୍ମା ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।



## ସଂକ୍ଷେପରେ

### ଡକାୟତ ଦଳର ୪ ଗିରଫ



ପାପଡ଼ାହାଣ୍ଡି,୨୫।୭(ସ୍ୱପ୍ନଜିତ ପଟ୍ଟନାୟକ)- ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମଇଦଲପୁର ପୋଲିସ ଏକ ଡକାୟତ ଦଳର ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କୋଷାଗୁମଡ଼ାର ମହେନ୍ଦ୍ର ଫୁଲ, ଉମରକୋଟ ଅଞ୍ଚଳର ଗଜେନ୍ଦ୍ର ହରିଜନ, ନୀଳାମ୍ବର ହରିଜନ ଓ ସମରେଶ ବେଇନ। ଉକ୍ତ ଗ୍ୟାଙ୍ଗ୍‌ର ଅର୍ଜୁନ ଜେଲରୁ ଫେରାରଥିବା ନେଇ ମଙ୍ଗଳବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପାପଡ଼ାହାଣ୍ଡି ଏସ୍‌ଡିପିଓ ଆଦିତ୍ୟ ସେନ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଏସ୍‌ଡିପିଓ ସେନ କହିଛନ୍ତି। ସୂଚନାନୁଯାୟୀ, କଳାହାଣ୍ଡି ଜିଲା ପଲସ ଗ୍ରାମର ସୁଦର୍ଶନ ମେହେର ଓ ନାରାୟଣ ମେହେର କୌଣସି ଏକ କାର୍ଯ୍ୟରେ ମଇଦଲପୁର ଅଞ୍ଚଳକୁ ଆସୁଥିଲେ। ଏହି ସମୟରେ ଆମପାଣି ଘାଟିରେ ୩ଜଣ ଦୁର୍ବୃତ୍ତ ସେମାନଙ୍କୁ ଅଟକାଇ ଟଙ୍କା, ମୋବାଇଲ ଓ ବାଇକ ନେଇ ଯାଇଥିଲେ। ଏ ନେଇ ଜୁନ ୩ ତାରିଖରେ ମଇଦଲପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗ ପ୍ରକାରେ ମଇଦଲପୁର ଥାନାଧିକାରୀ ନଟବର ନନ୍ଦ ୮୦/୨୩ରେ ମାମଲା ରୁଜୁକରି ତଦନ୍ତ ଆରମ୍ଭକରି ଡକାୟତ ଦଳର ୪ଜଣଙ୍କୁ ଗିରଫ କରିଥିଲେ। ଅଭିଯୁକ୍ତଙ୍କଠାରୁ ମାରଣାସ୍ତ୍ର, ଗୋଟିଏ ମୋବାଇଲ, ୮୪୦ ଟଙ୍କା ଓ ଦୁଇଟି ବାଇକ ଜବତ କରାଯାଇଛି।

### ଫସଲବୀମା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ତେନ୍ତୁଲିଖୁଣ୍ଟି, ୨୫।୭(ଚିଦାନନ୍ଦ ସାହୁ) ନବରଙ୍ଗପୁର ଜିଲାପାଳ କମଳଲୋଚନ ମିଶ୍ରଙ୍କ ନିର୍ଦ୍ଦେଶରେ ତେନ୍ତୁଲିଖୁଣ୍ଟି ବ୍ଲକର ୧୫ ପଞ୍ଚାୟତରେ କୃଷି ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ଫସଲବୀମା ସମ୍ପର୍କରେ ସଚେତନ କରାଯାଇଛି। ୨ ହେକ୍ଟର ପର୍ଯ୍ୟନ୍ତ ପ୍ଲଟର ପ୍ରିମିୟମ ରାଶି ବାନ୍ଧି ପଞ୍ଜୀକୃତ ହେବାକୁ ଆହ୍ୱାନ କରାଯାଇଛି। ପଞ୍ଜୀକରଣର ଶେଷ ତାରିଖ ୩୧ ଜୁଲାଇ ରହିଛି। ଭାରତ ସରକାର ଓଡ଼ିଶା ସରକାର ଓ ଏଗ୍ରିକଲଚର ଇନ୍‌ସ୍ୟୁରାନ୍ସ କମ୍ପାନୀ ଫସଲବୀମା କାର୍ଯ୍ୟକାରୀ କରୁଛନ୍ତି। ଚାଷୀ ୨ହେକ୍ଟରରୁ ଅଧିକ ପଞ୍ଜୀକରଣ ପାଇଁ ନିର୍ଦ୍ଧାରିତ ଦରରେ ପ୍ରିମିୟମ ବାନ୍ଧିବାକୁ ପଡିବ। କେତେବେଳେ ଚାଷୀ ଫସଲବୀମା ପାଇ ପାଇବେ, କେଉଁଠି ପଞ୍ଜୀକରଣ କରାଯିବ, ପଞ୍ଜୀକରଣ ବେଳେ କ'ଣ କ'ଣ ଆବଶ୍ୟକ ସେ ସମ୍ପର୍କରେ ସଚେତନ କରାଯାଇଥିଲା। ଚାଷୀ ଶସ୍ୟ କାଟଭିତ୍ତିକ, ବୁଣା ରୁଆ ବାଧାଭିତ୍ତିକ, ମଧ୍ୟବର୍ତ୍ତିକାଳୀନ ପ୍ରାକୃତିକ ବିପର୍ଯ୍ୟୟ, ସ୍ଥାନୀୟ ବିପର୍ଯ୍ୟୟ ହେତୁ ବ୍ୟକ୍ତିଗତ ସ୍ତରରେ କ୍ଷୟକ୍ଷତି, ଅମଳ ପରବର୍ତ୍ତୀ କ୍ଷତି ହେଲେ ବୀମାଭୁକ୍ତ ଚାଷୀ କ୍ଷତିପୂରଣ ପାଇବାରିବେ। କଂଗ୍ରା ପଞ୍ଚାୟତରେ ବ୍ଲକ କୃଷି ଅଧିକାରୀ ବରୁଣ ଧନପାଳ, ତେନ୍ତୁଲିଖୁଣ୍ଟିରେ ସହକାରୀ କୃଷି ଅଧିକାରୀ ମାନସ ରଞ୍ଜନ ନାୟକ କାର୍ଯ୍ୟକ୍ରମ କରିଥିଲେ। କୃଷି ଓଭର ସିୟର ହରିଶଙ୍କର ତ୍ରିପାଠୀ , ଧୀରେନ ବେନ୍ୟା, ଜିତେନ୍ଦ୍ର ଟାକ୍ରୀ , ମଧୁସ୍ମିତା ପତି, ବନ୍ଦିତା ମହାରଣା, ଏଟିଏମ୍ ବାଳ ଗୋବିନ୍ଦ ସାହୁ ପ୍ରମୁଖ କାର୍ଯ୍ୟକ୍ରମ କରୁଛନ୍ତି। ପରଜାବାରଙ୍ଗ ପଦର, ଗୌଡ଼ ଦେଓପାଲି, ମଞ୍ଚାଗାଁ ରେ ସଚେତନତା କାର୍ଯ୍ୟକ୍ରମ କରାଯାଇଛି।

# ବାର୍ଷିକ ୨୦ଲକ୍ଷ ଟଙ୍କାର ପାଣ୍ଠି ପ୍ରଦାନ ଦାବି

**ନବରଙ୍ଗପୁର ଜିଲା ସମିତି ସଭ୍ୟାସଭ୍ୟା ସଂଘ ବୈଠକ**

ଉମରକୋଟ, ୨୫।୭ (ସନ୍ତୋଷ ଶତପଥୀ)



ବୈଠକରେ ଆଲୋଚନା ଚାଲିଛି।

ନବରଙ୍ଗପୁର ଜିଲା ସମିତି ସଭ୍ୟାସଭ୍ୟା ସଂଘ ବୈଠକ ଉମରକୋଟ ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସମିତି ସଂଘ ଉପସଭାପତି ସୁଶାନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ୧୦ ବ୍ଲକର ଶତାଧିକ ସମିତି ସଭ୍ୟାସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସମିତି ସଂଘ ସମ୍ପାଦକ ସନ୍ତୋଷ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବୈଠକରେ ବିଭିନ୍ନ ବ୍ଲକରୁ ଆସିଥିବା ବ୍ଲକ ସମିତି ସଭ୍ୟ ସଭାପତି, ଅଧକ୍ଷା, ଅଧ୍ୟକ୍ଷ ପ୍ରମୁଖ ବିଭିନ୍ନ ସମସ୍ୟା ନେଇ ଆଲୋକପାତ କରିଥିଲେ। ସମିତି ସଭ୍ୟାସଭ୍ୟଙ୍କୁ ବ୍ଲକ ଏବଂ ପ୍ରଶାସନ ପକ୍ଷରୁ ଅଣଦେଖା କରାଯାଉଥିବା ଅଭିଯୋଗରେ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ଏ ନେଇ ଜିଲାପାଳ ଏବଂ ରାଜ୍ୟ ସରକାରଙ୍କ ୧୦ଦଫା ଦାବି ଜଣାଇବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

ସମିତି ବୈଠକରେ ସମିତି ସଭ୍ୟାସଭ୍ୟ ହିଁ କେବଳ ସ୍ଥାୟୀ ସଦସ୍ୟ ରହିବା ଦରକାର। ଅନ୍ୟମାନେ ସମିତିର ଅତିଥି ସଦସ୍ୟ ରହିବା ବ୍ୟବସ୍ଥା କରାଯିବା ସହ ଅନାସ୍ଥା ବୈଠକରେ କେବଳ ସମିତି ସଭ୍ୟାସଭ୍ୟମାନେ ଭାଗ ନେବା ନିୟମ କରାଯିବାକୁ ଦାବି ହୋଇଛି। ଏଥିସହ ପଞ୍ଚାୟତରେ ନିର୍ବାଚିତ ପ୍ରତିନିଧି ଭାବେ ସମିତି ସଭ୍ୟାସଭ୍ୟଙ୍କୁ ନିର୍ଦ୍ଦିଷ୍ଟ କ୍ଷମତା, ସାଂସଦ ଓ ବିଧାୟକଙ୍କ ପାଣ୍ଠି ପରି ବାର୍ଷିକ ୨୦ ଲକ୍ଷ ଟଙ୍କାର ପାଣ୍ଠି ପ୍ରଦାନ, ପଞ୍ଚାୟତ ସମିତିର ମାସିକ ବୈଠକରେ ସମିତି ସଭ୍ୟାସଭ୍ୟଙ୍କ ସ୍ୱାକ୍ଷର ଓ ସେମାନଙ୍କ ମାସିକ ଭତ୍ତା ଅତି କମ୍‌ରେ ୧୫,୦୦୦ ଟଙ୍କାକୁ ବୃଦ୍ଧି କରିବାକୁ ଆଲୋଚନା ହୋଇଛି। ପ୍ରତ୍ୟେକ ମାସିକ ବୈଠକ ସମ୍ପର୍କରେ ବ୍ଲକ କର୍ତ୍ତୃପକ୍ଷ ଚିଠି ଦ୍ୱାରା ସମିତି ସଭ୍ୟାସଭ୍ୟଙ୍କୁ ସୂଚନା ପ୍ରଦାନ, ରିଜୋଲ୍ୟୁଶନ ପଞ୍ଚାୟତ ସମିତିରେ ଗୃହିତ ହେବା ପୂର୍ବରୁ ତାହାକୁ ସମ୍ପୃକ୍ତ ସମିତି ସଭ୍ୟାସଭ୍ୟଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହ ଅନ୍ୟାନ୍ୟ ଦାବି ଅନ୍ତର୍ଭୁକ୍ତ କରିବା ନେଇ ଆଲୋଚନା ହୋଇଥିଲା। ୨୮ ତାରିଖରେ ରାଜ୍ୟସ୍ତରରେ ସମସ୍ତ ଜିଲା ସଦସ୍ୟମାନେ ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବଙ୍କୁ ଦାବିପତ୍ର ଦେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଜିଲାର ସମସ୍ତ ସମିତି ସଭ୍ୟାସଭ୍ୟ ଭାଗ ନେବାପାଇଁ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଉମରକୋଟ ବ୍ଲକ ଅଧକ୍ଷା ସୁଶୀଳା ମାଝି, ପାପଡାହାଣ୍ଡି ବ୍ଲକ ଅଧକ୍ଷା ହେମଲତା ମାଝି,ରାଇଘର ବ୍ଲକ ଉପାଧକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ଚନ୍ଦାହାଣ୍ଡି ଉପାଧକ୍ଷ ବାସୁଦେବ ଗୌଡ଼, ପାପଡାହାଣ୍ଡି ବ୍ଲକ ସଭାପତି ରାମକୃଷ୍ଣ ହରିଜନ, ଉମରକୋଟ ବ୍ଲକ ସଭାପତି ବିକ୍ରମ ସିଂ, ରାଇଘର ବ୍ଲକ ସଭାପତି ରାଜେଶ କୁମାର ଅଧିକାରୀ, ଝରିଗାଁ ବ୍ଲକ ସଭାପତି ଜଗତ କଲାର, ଚନ୍ଦାହାଣ୍ଡି ଉପସଭାପତି ପୌରୁଷ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ପାପଡାହାଣ୍ଡି ବ୍ଲକ ସମିତି ସଭ୍ୟା ରୁକ୍ମିଣୀ ମେହେଟା ଧନ୍ୟବାଦ ଜଣାଇଥିଲେ।

# ସ୍କୁଲ କାନ୍ଥରେ ମହାତ୍ମା ଗାନ୍ଧୀଙ୍କ ବିକୃତ ଚିତ୍ର

ନବରଙ୍ଗପୁର,୨୫।୭(ସଦାଶିବ ପ୍ରହରାଜ)

ଇଂରେଜ ଶାସନରୁ ମୁକ୍ତ କରିବାରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଭୂମିକାକୁ କେହି ଭୁଲିନାହାନ୍ତି। ଇତିହାସ ପୃଷ୍ଠାରେ ତାଙ୍କ ଜୀବନୀ ଓ ଅନେକ କଥାବସ୍ତୁ ସ୍ଥାନିତ। ବିଭିନ୍ନ ପୁସ୍ତକରେ ଗାନ୍ଧୀଙ୍କ ଜୀବନୀ ଓ ଫଟୋ ମଧ ଦେଖିବାକୁ ମିଳେ। ଭାରତୀୟ ନୋଟ୍‌ରେ ମଧ ଗାନ୍ଧିଜୀଙ୍କ ଫଟୋ ରହିଛି। କେନ୍ଦ୍ର ସରକାର ସ୍ୱଚ୍ଛ ଭାରତ ମିଶନରେ ଗାନ୍ଧୀଙ୍କ ଚଷମା ଓ ତାଙ୍କ ଫଟୋକୁ ନେଇ ସଚେତନତା ବାର୍ତ୍ତା ଦିଆଯାଉଛି। ତେବେ ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ କମତା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ କାନ୍ଥରେ ମହାତ୍ମା ଗାନ୍ଧୀଙ୍କ ବିକୃତ ଫଟୋ ଅଙ୍କାଯାଇଛି। ଯାହାକୁ ନେଇ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

୫-ଟି ଅଧୀନ ଉକ୍ତ ବିଦ୍ୟାଳୟ ମେ ମାସରେ ଉଦ୍‌ଘାଟନ କରାଯାଇଛି। କାନ୍ଥର ୧ଲକ୍ଷ ୫୦ହଜାର ଟଙ୍କା ବ୍ୟୟରେ ଶୈକ୍ଷିକ ବାର୍ତ୍ତା ନେଇ ମହାତ୍ମା ଗାନ୍ଧୀଙ୍କ ଚିତ୍ର କରାଯାଇଛି। ବିଦ୍ୟାଳୟର ଫାଟକ ସମ୍ମୁଖରେ ଗାନ୍ଧିଜୀଙ୍କ ଫଟୋ କରାଯାଇଛି। ନିକଟରେ ଚଷମା ମଧ ଅଙ୍କା ହୋଇଛି। ତେବେ ମହାତ୍ମା ଗାନ୍ଧୀଙ୍କ ଚିତ୍ରକୁ ବିକୃତ ଅଙ୍କା ହୋଇଛି। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକ ସମସ୍ତେ ଏହା ଦେଖି ଠିକ୍ ଭାବେ ମହାତ୍ମା ଗାନ୍ଧିଜୀଙ୍କ ଫଟୋ ଚିତ୍ର ଆଙ୍କିବା ପାଇଁ କହିଥିଲେ ମଧ ତାହା ହୋଇପାରିଲା ନାହିଁ । ଉକ୍ତ ଚିତ୍ରକୁ ପୁନର୍ବାର ଠିକ୍‌ଭାବେ ଆଙ୍କିବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି। ଏ ନେଇ ବିଡିଓ ମନୋଜ କୁମାର ପାଣିଗ୍ରାହୀଙ୍କୁ ପଚାରିବାରୁ ଅତିଶୀଘ୍ର ଉକ୍ତ ଚିତ୍ରକୁ ପୁନର୍ବାର ତିଆରି କରିବାକୁ ପ୍ରଧାନ ଶିକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯିବ ବୋଲି ସେ କହିଛନ୍ତି।



ସ୍କୁଲ କାନ୍ଥରେ ଅଙ୍କାଯାଇଥିବା ମହାତ୍ମା ଗାନ୍ଧୀଙ୍କ ଚିତ୍ର।

# ପଞ୍ଚାୟତର ନିଜସ୍ୱ ସମ୍ବଳ ବୃଦ୍ଧି ପ୍ରଶିକ୍ଷଣ ଶିବିର



ଶିବିରରେ ଅତିଥି, ତାଲିମାର୍ଥୀ ଓ ଅନ୍ୟମାନେ।

ତେନ୍ତୁଲିଖୁଣ୍ଟି/ନବରଙ୍ଗପୁର, ୨୫।୭
(ଚିଦାନନ୍ଦ ସାହୁ/ ସଦାଶିବ ପ୍ରହରାଜ)

ନବରଙ୍ଗପୁର ଡିପିଆର୍‌ସି ବିଲ୍ଡିଂରେ ମଙ୍ଗଳବାର ଜିଲା ପଞ୍ଚାୟତ ସାଧନ କେନ୍ଦ୍ର ପକ୍ଷରୁ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ ଓ ପଞ୍ଚାୟତିରାଜ ବିଭାଗ ପ୍ରଯୋଜନାରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଦୀର୍ଘସ୍ଥାୟୀ ବିକାଶ ସ୍ଥାନୀୟକରଣ ପରିପ୍ରେକ୍ଷୀରେ ଦାରିଦ୍ର୍ୟ ମୁକ୍ତ ତଥା ଉନ୍ନତି ଜୀବିକା ଯୁକ୍ତ ଗ୍ରାମ ପଞ୍ଚାୟତ ଗଠନ ଏବଂ ଗ୍ରାମ ପଞ୍ଚାୟତର ନିଜସ୍ୱ ସମ୍ବଳ ବୃଦ୍ଧି ସମ୍ପର୍କରେ ତାଲିମ ଦିଆଯାଇଥିଲା। ସାଧନ କର୍ମୀ ସନ୍ତୋଷ କୁମାର ଷଡ଼ଙ୍ଗୀ ତାଲିମ ଦେଇଥିଲେ। ତେନ୍ତୁଲିଖୁଣ୍ଟି ବ୍ଲକର ଅନେକ ସରପଞ୍ଚ , ପଞ୍ଚାୟତ ପିଛା ୩ଜଣ ୱାର୍ଡ ସଭ୍ୟାସଭ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ଅଙ୍ଗନୱାଡ଼ି କର୍ମୀ ତାଲିମ ନେଇଥିଲେ।

ପଞ୍ଚାୟତଗୁଡ଼ିକୁ ନିଜସ୍ୱ ସମ୍ବଳ ଉତ୍ପନ୍ନ କରିବାକୁ କ'ଣ କ'ଣ ଯୋଜନା ହାତକୁ ନେବାକୁ ପଡିବ, କିଭଳି ଉକ୍ତ ଯୋଜନା ଦ୍ୱାରା ପ୍ରତ୍ୟକ୍ଷରେ ସ୍ଥାନୀୟ ନିଯୁକ୍ତି ସୃଷ୍ଟି କରାଯାଇପାରିବ ସେ ନେଇ ଆଲୋଚନା ହୋଇଛି। ଉକ୍ତ ଯୋଜନାରେ ମହିଳା ସ୍ୱୟଂ ସହାୟକ ଦଳର ଭାଗୀଦାରି ରଖି ସେମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ନେଇ ତାଲିମ ଦିଆଯାଇଛି। ଗ୍ରାମ ପୋଖରୀ ନିର୍ମାଣ କରି ମାଛ ଚାଷ, ଷ୍ଟଲ / ଗ୍ରାମ୍ୟ ପାର୍କ କଲ୍ୟାଣ ମଣ୍ଡପ କରି ନିଯୁକ୍ତି ସୁଯୋଗ ସୃଷ୍ଟି ଆଦି ଅନେକ ପ୍ରକଳ୍ପ ହାତକୁ ନେବା ସମ୍ପର୍କରେ ତାଲିମ ଦିଆଯାଇଛି। ଯେଉଁମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇ ନାହାନ୍ତି ସେମାନଙ୍କୁ ମୋଘର ଯୋଜନାରେ ପଞ୍ଜୀକରଣ କରିବାକୁ କୁହାଯାଇଛି। ଶିବିରରେ ତେନ୍ତୁଲିଖୁଣ୍ଟି ବିଡିଓ ମନୋଜ କୁମାର ପାଣିଗ୍ରାହୀ , ଜିପିଇ ମଣ୍ଟୁ ସ୍ୱାଇଁ, ବିପିସି ଉମା ମହେଶ୍ୱରୀ, ଝରିଗୁମ୍ମା ସରପଞ୍ଚ ମନମୋହନ ଦଳପତି, ଦିଗି ସରପଞ୍ଚ କିଶୋର ନାୟକ, ଦେଓପାଲି ସରପଞ୍ଚ ପ୍ରମିଳା ମୁଦୁଲି, ଅଞ୍ଚଳଗୁମ୍ମା ସରପଞ୍ଚ ସୁଷମା ପୂଜାରୀ, ଅଙ୍ଗନୱାଡ଼ି କର୍ମୀ , ଗ୍ରାମ ସାଥୀ, ମିଶନ ଶକ୍ତି, ଏମ୍‌ବିକେ ସିଆର୍‌ପି ଓ ଆଶା କର୍ମୀ ଉପସ୍ଥିତ ଥିଲେ।

### ଡିକି ଭାଙ୍ଗି ଲୁଟି ନେଲେ ୧ ଲକ୍ଷ ୧୦ ହଜାର

ବୋରିଗୁମ୍ମା,୨୫।୭(ବିଜୟ ସାହୁ)

ବୋରିଗୁମ୍ମା ହାଟପଦା ନିକଟରେ ମଙ୍ଗଳବାର ଏକ ବାଇକ ଡିକିରୁ ଏକ୧ ଲକ୍ଷ ୧୦ ହଜାର ଟଙ୍କା ଲୁଟ୍ ହୋଇଥିବା ଜଣାପଡିଛି। ଏନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଖବରରୁ ଜଣାପଡିଛି, ବୋରିଗୁମ୍ମା ଷ୍ଟେଟ ବ୍ୟାଙ୍କରୁ ବୋଡିଗାଁ ଅଞ୍ଚଳର ଲକ୍ଷ୍ମୀକାନ୍ତ ନାୟକ ୧ ଲକ୍ଷ ୧୦ ହଜାର ଟଙ୍କା ଉଠାଇ ଘରକୁ ଫେରୁଥିଲେ। ଏହି ସମୟରେ ସେ ହାଟପଦା ନିକଟସ୍ଥ ଏକ ଦୋକାନ ସମ୍ମୁଖରେ ବାଇକ ରଖି କିଛି ଜିନିଷ କିଣୁଥିବା ସମୟରେ ୩ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ଡିକି ଭାଙ୍ଗି ଟଙ୍କା, ଏଟିଏମ କାର୍ଡ, ବ୍ୟାଙ୍କ ପାସ ବୁକ ନେଇ ଦ୍ରୁତ ଗତିରେ ଫେରାର ହୋଇଯାଇଥିଲେ। ସୂଚନାଯୋଗ୍ୟ, ବୋରିଗୁମ୍ମା ସହରର ବିଭିନ୍ନ ସ୍ଥାନରେ ଲାଗିଥିବା ୨୮ଟି ସିସିଟିଭି ଦୀର୍ଘ ମାସ ହେବ ଅଚଳ ହୋଇପଡିଛି। ପୋଲିସ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଏନେଇ ବାରମ୍ବାର ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ଫଳରେ ଏହା ଲୁଟେରାମାନଙ୍କ ପାଇଁ ବେଶ୍ ସହାୟକ ହେଉଛି ବୋଲି ସାଧାରଣରେ ଆଲୋଚନା ହେଉଛି।

# ଦାବି ପୂରଣ ନ ହେଲେ ଧାରଣା ଚେତାବନୀ

ନବରଙ୍ଗପୁର,୨୫।୭(ସଦାଶିବ ପ୍ରହରାଜ)

**ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ଭୋକେସନାଲ ଟ୍ରେନର୍ସ ଆସୋସିଏସନର ଦାବିପତ୍ର**

ନବରଙ୍ଗପୁର ଜିଲା ଭୋକେସନାଲ ଟ୍ରେନର୍ସ ଆସୋସିଏସନ ପକ୍ଷରୁ ମଙ୍ଗଳବାର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଡିଇଓ ପ୍ରଦୀପ କୁମାର ନାଗଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ରହିଥିବା ଦାବିପୂରଣ ନ ହେଲେ ଡିଇଓଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ଜିଲା ଭୋକେସନାଲ ଟ୍ରେନର୍ସ ଆସୋସିଏସନ ଚେତାବନୀ ଦେଇଛି।

ନବରଙ୍ଗପୁର ଜିଲାରେ କାର୍ଯ୍ୟରତ ଭୋକେସନାଲ ଟ୍ରେନର୍ସ ଶିକ୍ଷୟିତ୍ରୀ ଶିକ୍ଷକମାନେ ୨୦୧୬ରୁ ରାଜ୍ୟର ବିଭିନ୍ନ ଜିଲାର ସରକାରୀ ବିଦ୍ୟାଳୟରେ କାର୍ଯ୍ୟ କରି ଆସିଛନ୍ତି। କିନ୍ତୁ ସେମାନଙ୍କୁ ସରକାରଙ୍କ ପକ୍ଷରୁ କୌଣସି ସୁବିଧା ମିଳୁନାହିଁ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଶିକ୍ଷୟିତ୍ରୀ ଶିକ୍ଷକମାନେ ଏକ କମ୍ପାନୀ ଅଧୀନରେ ଥିବାରୁ ବହୁ ଅସୁବିଧା ହେଉଛି। ସମାନ କାମକୁ ସମାନ ଦରମା ପାଇଁ ଦାବି କରିବା ସହିତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସରକାରୀ ମାନ୍ୟତା ଦେବାକୁ ଦାବି କରିଆସୁଛନ୍ତି। କିନ୍ତୁ ବାରମ୍ବାର ଅବଗତ କରାଇଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ସଂଘ ପକ୍ଷରୁ ୫୫ ଦିନ ହେବ ଲୋୟର ପିଏମ୍‌ଜିରେ ଧାରଣା ଚାଲିଛି। ତଥାପି ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବି ପୂରଣ ନ ହେଲେ ଧାରଣା ଦିଆଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।



ଡିଇଓଙ୍କୁ ଦାବି ଜଣାଇବାକୁ ଆସିଥିବା ସଂଘ ସଦସ୍ୟମାନେ।

# ଭୋଟର ତାଲିକା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ

ନବରଙ୍ଗପୁର,୨୫।୭(ସଦାଶିବ ପ୍ରହରାଜ)

ଭାରତ ସରକାରଙ୍କ ନିର୍ବାଚନ ଆୟୋଗ ଏବଂ ଓଡିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ ଭୋଟର ତାଲିକା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପ୍ରକ୍ରିୟା ୨୧ରୁ ଆରମ୍ଭ ହୋଇଛି। ଏହା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ବୁଥ୍‌ସ୍ତରୀୟ ଅଧିକାରୀମାନେ ଘରକୁ ଘର ଯାଇ ଏହି ସର୍ଭେ କାର୍ଯ ଆରମ୍ଭ କରିଛନ୍ତି। ଭୋଟରମାନେ ଭୋଟର ତାଲିକାରେ ନିଜ ନାମ ସଂଯୋଗ, ସଂଶୋଧନ,



ମୃତ କିମ୍ବା ସ୍ଥାନାନ୍ତରିତ ବ୍ୟକ୍ତିଙ୍କୁ ବାଦ ଦେଇପାରିବେ। ଯେଉଁମାନେ ୨୦୨୩-୨୪ ବର୍ଷର ଉକ୍ତ ଅବଧି ସୁଦ୍ଧା କିମ୍ବା ତା ପୂର୍ବରୁ ୧୮ ବର୍ଷ ବୟସରେ ପଦାର୍ପଣ କରିବାକୁ ଯାଉଛନ୍ତି ସେମାନେ ବର୍ତ୍ତମାନରୁ ଭୋଟର ତାଲିକାରେ ନାମ ପଞ୍ଜୀକରଣ ପାଇଁ ଅଗ୍ରୀମ ଆବେଦନ କରିପାରିବେ। ଏଥିପାଇଁ ମୋବାଇଲରୁ ଭୋଟର ହେଲ୍‌ପ ଲାଇନ ଆପ ସ୍ଥାପନ କରି ସେଥିରେ କିମ୍ବା NVSP.IN/VoterPortal web-site କିମ୍ବା ବୁଥସ୍ତରୀୟ ଅଧିକାରୀଙ୍କ ଦ୍ୱାରା କରିପାରିବେ। ଡ୍ରାଫ୍ଟ ଭୋଟର ତାଲିକା ସେପ୍ଟେମ୍ବର ୧୭ରେ ପ୍ରକାଶ ପାଇବ। ଏଥିରେ ଆପତ୍ତି ଓ ଅଭିଯୋଗ ଥିଲେ ସେପ୍ଟେମ୍ବର ୧୭ରୁ ନଭେମ୍ବର ୩୦ ମଧ୍ୟରେ କରିପାରିବେ। ଏହାର ଫଇସଲା ଡିସେମ୍ବର ୨୬ରେ କରାଯାଇ ଚୂଡାନ୍ତ ତାଲିକା ୨୦୨୪ ଜାନୁଆରୀ ୫ରେ ପ୍ରକାଶ ପାଇବ। ଜିଲାରେ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମକୁ ନିର୍ଦ୍ଧାରିତ ସମୟରେ ସାରିବାକୁ ଜିଲାପାଳ କମଳ ଲୋଚନ ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି।

# ବନାଞ୍ଚଳରୁ ବଜ୍ରକାପ୍ତା ଉଦ୍ଧାର

ଚିତ୍ରକୋଣ୍ଡା,୨୫।୭(କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ବନଖଣ୍ଡ ଅଧୀନ ଚିତ୍ରକୋଣ୍ଡା ବନାଞ୍ଚଳରୁ ସୋମବାର ଏକ ବଜ୍ରକାପ୍ତା ଉଦ୍ଧାର କରାଯାଇଛି। ବନାଞ୍ଚଳ ଅଧିକାରୀ ବଳରାମ ନାୟକ ଏବଂ ବନପାଳ ମୃତ୍ୟୁଞ୍ଜୟ ସେଠୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ସୋମବାର ବିଳମ୍ବିତ ରାତି ୧୧ ଟାରେ ଗୋଜିଆଗୁଡା ଗ୍ରାମ ଶିବମନ୍ଦିର ପାର୍ଶ୍ୱରେ ଏକ ବଜ୍ରକାପ୍ତା ବୁଲୁଥିବାର ଲୋକେ ଦେଖି ବନାଞ୍ଚଳ କର୍ମଚାରୀଙ୍କୁ ଜଣାଇଥିଲେ।



ବନାଞ୍ଚଳ ସ୍ୱତନ୍ତ୍ର ଟିମ୍ ତାକୁ ଉଦ୍ଧାରକରି ବନାଞ୍ଚଳ କାର୍ଯ୍ୟାଳୟରେ ରଖି ପ୍ରାଣୀ ଚିକିତ୍ସକଙ୍କୁ ଡକାଇ ପରୀକ୍ଷା କରିଥିଲେ। ମଙ୍ଗଳବାର ତାକୁ ଜଙ୍ଗଲରେ ଛାଡ଼ି ଦିଆଯିବ ବୋଲି ବନାଞ୍ଚଳ ଅଧିକାରୀ ବଳରାମ ନାୟକ କହିଛନ୍ତି ।

# ଦେବୋତ୍ତର, ମନ୍ଦିର ପରିଚାଳନା କମିଟି ବୈଠକ

ଉମରକୋଟ, ୨୫।୭ (ସନ୍ତୋଷ ଶତପଥୀ)

ଉମରକେରାଟ ଜଗନ୍ନାଥ ମନ୍ଦିର ପରିସରରେ ଦେବୋତ୍ତର କମିଟି ଉପସଭାପତି ଜୟଦେବ ପରିଡ଼ାଙ୍କ ସଭାପତିତ୍ୱରେ ମଙ୍ଗଳବାର ଅପରାହ୍ନରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମନ୍ଦିର ଆଦାୟ, ଖର୍ଚ୍ଚ ସହ ମନ୍ଦିର ଅଧୀନରେ ଥିବା କୋଣ୍ଡାଗାଁ ରୋଡ୍‌ସ୍ଥିତ ଷ୍ଟଲ ସମ୍ପର୍କରେ ଆଲୋଚନା କରାଯାଇଥିଲା।

ଚଳିତ ବର୍ଷ ରଥଯାତ୍ରାରୁ ବାହୁଡା ପର୍ଯ୍ୟନ୍ତ ଅନ୍ନ ଭୋଗ ଦାୟିତ୍ୱ ପର୍ଶୁରାମ ବାହିନୀ ନେଇଥିଲେ। ଅନ୍ନଭୋଗ ବିକ୍ରିକରି ଯେଉଁ ଟଙ୍କା ଆଦାୟ ହୋଇଥିଲା ତାହାର ସମସ୍ତ ହିସାବ ଦିଆଯାଇଛି। ଅନ୍ନଭୋଗ ବାବଦ ଲାଭାଂଶ ଟଙ୍କା ମନ୍ଦିର କମିଟିକୁ ଦିଆଯାଇଛି। ମନ୍ଦିର ଆଦାୟ ଓ ଖର୍ଚ୍ଚ ହିସାବ ପାଇଁ ଅଲଗା ଅଲଗା ରେଜିଷ୍ଟର ତିଆରି ପାଇଁ ଦେବୋତ୍ତର କମିଟି ସଭାପତି ରାଜସ୍ୱ ନିରୀକ୍ଷକ ଶିବାନନ୍ଦ ରାଉତଙ୍କୁ କୁହାଯାଇଛି।

ମନ୍ଦିର ପରିଚାଳନା ଦାୟିତ୍ୱରେ ଥିବା କମିଟିକୁ ୫ବର୍ଷ ହୋଇଯାଇଥିବାରୁ ନୂତନ କମିଟି ତିଆରି ପାଇଁ ବୈଠକରେ ମତ ପ୍ରକାଶ ପାଇଥିଲା। ନୂତନ କମିଟି ତିଆରି ପାଇଁ ୧ ଅଗଷ୍ଟରେ ଏକ ବୈଠକ କରିବାକୁ ସ୍ଥିର ହୋଇଛି। ଏ ନେଇ ୨୯ ଓ ୩୦ ତାରିଖରେ ଡାକବାଜି ଯନ୍ତ୍ରରେ ସହରର ସମସ୍ତ ୱାର୍ଡବାସୀଙ୍କୁ ଅବଗତ କରାଯିବ। କୋଣ୍ଡାଗାଁ ରୋଡ୍‌ସ୍ଥିତ ୪ଟି ନୂତନ ଷ୍ଟଲକୁ ଟେଣ୍ଡର କରାଯାବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଦେବୋତ୍ତର କମିଟି ସଭାପତି ତଥା ଉମରକୋଟ ତହସିଲଦାର ତୁଳା ମୁଦୁଲି, କମିଟି ଉପସଭାପତି ଜୟଦେବ ପରିଡା, ସମ୍ପାଦକ ରାମ ନାୟକ, କୋଷାଧ୍ୟକ୍ଷ ବିଘ୍ନରାଜ ସାନ୍ତ୍ରା ଓ ଦ୍ୱାରିକା ନାଥ ପାଣିଗ୍ରାହୀ, ଖାଡେଶ୍ୱର ମହାନ୍ତି, ଉପଦେଷ୍ଟା ପି. ରାବଣା ରାଓ, ଭୈରବ ମିଶ୍ର, ରମେଶଚନ୍ଦ୍ର ସାହୁ, ମନୋଜ ନାୟକ, ଗଜେନ୍ଦ୍ର ନାୟକ, ନେତ୍ର ହରିଜନ, ପ୍ରଶାନ୍ତ ସାହୁ, ପେଣ୍ଡରା ପାତ୍ର, ରଜତ ସାନ୍ତ୍ରା, ଗୁଲୁ ସାହୁ, ଗୋପାଳ ପଟ୍ଟନାୟକ, ଅଶୋକ ପାଢ଼ୀ, ତପନ ମିଶ୍ର, ମିଲୁ ପଣ୍ଡା, ଦଣ୍ଡପାଣି ଖାଡେଙ୍ଗା, ମନୋଜ ମହାପାତ୍ର ,ପି.ଚନ୍ଦ୍ର ରାଓ, ବିଦ୍ୟାଧର ଜେନା,ଅର୍ଜୁନ ନାୟକ, ସନ୍ତୁନୁ ସିଂ ଙ୍କ ବ୍ୟତତ କମିଟି ସଦସ୍ୟ ଓ ପର୍ଶୁରାମ ବାହିନୀର ସଦସ୍ୟମାନେ ଉପସ୍ଥିତ ଥିଲେ।



ଅନ୍ନଭୋଗ ବିକ୍ରି ଟଙ୍କାକୁ ମନ୍ଦିର କମିଟିକୁ ଦିଆଯାଉଛି।

# ପୂର୍ଣ୍ଣାଙ୍ଗ ଶିକ୍ଷାର ପ୍ରସାର ନେଇ କାର୍ଯ୍ୟ କରିବାକୁ ଆଲୋଚନା

ନବରଙ୍ଗପୁର,୨୫।୭(ସଦାଶିବ ପ୍ରହରାଜ)

**ଜିଲାସ୍ତରୀୟ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ**

ନବରଙ୍ଗପୁର ଦଶହରାପଦାସ୍ଥିତ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଜିଲାସ୍ତରୀୟ ପାଠଚକ୍ର ତଥା ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସମୂହର ବାର୍ଷିକ ସମ୍ମିଳନୀ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ଅରବିନ୍ଦ ପାଠଚକ୍ର ସଂଗଠକ ଗଦାଧର ମିଶ୍ର, ନବଜୀବନ ଶିକ୍ଷା ସଂସଦ ସମ୍ପାଦକ ପ୍ରସାଦ ତ୍ରିପାଠୀ, କପିଳାସ ପ୍ରସାଦ ଦାଶ, ସମର୍ପଣ ମଣ୍ଡଳ ସଂଯୋଜକ ସୁରେଶ ଚନ୍ଦ୍ର ମିଶ୍ର ଯୋଗଦେଇ ବିଭିନ୍ନ ତାତ୍ତ୍ୱିକ ତଥା ସାଙ୍ଗଠନିକ ବିଷୟରେ ଦିଗ୍‌ଦର୍ଶନ ଦେଇଥିଲେ।

ନବରଙ୍ଗପୁର ଜିଲା ଆବାହିକା ସଙ୍ଗୀତା ପଟ୍ଟନାୟକ ଗତ ବର୍ଷର ସାଙ୍ଗଠନିକ ବିବରଣୀ ପାଠ କରିଥିଲେ। ଜିଲାର ୧୦ ବ୍ଲକର ଆବାହକମାନେ ସେମାନଙ୍କର କାର୍ଯ୍ୟ ବିବରଣୀ ଉପସ୍ଥାପନା କରିଥିଲେ। ଅରବିନ୍ଦଙ୍କ ଦିବ୍ୟଦୃଷ୍ଟିରେ ଭବିଷ୍ୟତ ପୃଥିବୀ



ପାଠଚକ୍ରରେ ଉପସ୍ଥିତ ବ୍ୟକ୍ତି ବିଶେଷ।

ଲାଗି ପ୍ରସ୍ତୁତ ହେବା ପାଇଁ ପାଠଚକ୍ର ଏବଂ ପୂର୍ଣ୍ଣାଙ୍ଗ ଶିକ୍ଷାର ପ୍ରସାର ଦିଗରେ ସଂଗଠିତ ହୋଇ ନିଃସ୍ୱାର୍ଥପର ଭାବେ କାର୍ଯ୍ୟ କରିବାକୁ ଆଲୋଚନା ହୋଇଥିଲା। ସୁଜାତା ମିଶ୍ର ଦୁର୍ଗାସ୍ତୋତ୍ର, ସବିତା ପଟ୍ଟନାୟକ 'ଧ୍ୟାନ ଓ ପ୍ରାର୍ଥନା ଏବଂ ସ୍ୱର୍ଣ୍ଣଲତା ମହାକୁଡ଼ 'ମା' ପୁସ୍ତିକାର ତୃତୀୟ ଅଧ୍ୟାୟ ପାଠ କରିଥିଲେ। ସୁରେଶ ମିଶ୍ର ମାତୃବନ୍ଦନା ଗାନ କରିଥିଲେ। କାର୍ଯ୍ୟକ୍ରମରେ ସନ୍ତୋଷ ଗାହାଣ, ଅଭିମନ୍ୟୁ ଦାଶ, ରମାକାନ୍ତ ଜେନା, ଦେବେନ୍ଦ୍ର ନାୟକ, ବିନାୟକ ଶତପଥୀ, ଗାୟତ୍ରୀ ପାଣିଗ୍ରାହୀ, ବାସନ୍ତୀ ମହାନ୍ତି, କେଶରୀ ସେନାପତି, ପ୍ରଭାକର ପାତ୍ର, ନିତ୍ୟାନନ୍ଦ ମହାନ୍ତି, ଡି. ପାର୍ବତୀ, ଜୟନ୍ତୀ ପ୍ରଧାନଙ୍କ ସମେତ ଜିଲାର ଦଶ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ, ଶିକ୍ଷକ ଏବଂ ପରିଚାଳନା କର୍ମକର୍ତ୍ତା, ବିଭିନ୍ନ ପାଠଚକ୍ର କେନ୍ଦ୍ରରୁ ମାତୃପ୍ରେମୀ ତଥା କର୍ମୀମାନେ ଯୋଗଦେଇଥିଲେ। ଗୁକୁନା ପାଣିଗ୍ରାହୀ, ଚନ୍ଦନ ଭୂମିଆ, ଉମା ମହେଶ୍ୱର ପଟ୍ଟନାୟକ, ନମିତା ବିଶ୍ୱାଳ,ଅଭିମନ୍ୟୁ ବେହେରା, ପଦ୍ମଲତା ବିଷୋୟୀ, ଦେବକୀ ଯାନୀ, ରଞ୍ଜନ ମହାପାତ୍ର, ଶ୍ୟାମସୁନ୍ଦର ନିଙ୍ଗୀ, ଶ୍ରୀଧର ଶତପଥୀ, ସୁଜାତା ପଟ୍ଟନାୟକ, ଉତ୍କଳିକା ବେହେରା, ଆରତୀ ସୁଆର, ଲିନା ପଟ୍ଟନାୟକ, ରୀତାଞ୍ଜଳୀ ଗୌଡ଼, ଶ୍ରୀନିବାସ ପଟ୍ଟନାୟକ, ରୀତାଞ୍ଜଳୀ ବେହେରା, ନିର୍ମଳ ନାୟକ, ଅନିଲ ସାମନ୍ତରାୟ, ହିମାଂଶୁ ଗୌଡ଼, ସଙ୍ଗୀ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ରାଜ୍ୟ ଟ୍ରଷ୍ଟ ପକ୍ଷରୁ ସରୋଜ ପଟ୍ଟନାୟକ, ସୁରେନ୍ଦ୍ରନାଥ ଦାଶ, ରସରାଜ ଓ ଅନ୍ୟମାନେ ବିଭିନ୍ନ କାର୍ଯ୍ୟରେ ନିଯୁକ୍ତ ଥିଲେ। ପ୍ରଲ୍ଲୀଭା ଭୂୟାଁ ଧନ୍ୟବାଦ ଦେଇଥିଲେ।

# ସଚେତନତା ଅଭାବରୁ ହିତାଧିକାରୀ ହନ୍ତସନ୍ତ

ରାୟଗଡ଼ା,୨୫।୭(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାର ଗ୍ରାମାଞ୍ଚଳରେ ଲାଗି ରହିଛି ଭତ୍ତା ସମସ୍ୟା । ବାରମ୍ବାର ଅଭିଯୋଗକଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। କେତେବେଳେ ପୋଷ୍ଟ ଅଫିସକୁ ଟଙ୍କା ଆସୁଛି ତ ଆଉ କେତେବେଳେ ବ୍ୟାଙ୍କ ଆକାଉଣ୍ଟକୁ ଆସୁଛି । ପଞ୍ଚାୟତସ୍ତରରେ ବିଭାଗୀୟ କର୍ମଚାରୀ ଅଞ୍ଚଳବାସୀଙ୍କୁ କୌଣସି ସୂଚନା ଦେଉ ନ ଥିବାରୁ ହିତାଧିକାରୀ ଜାଣି ନ ପାରି ପ୍ରଶାସନର ଦ୍ୱାରସ୍ଥ ହେଉଛନ୍ତି । ଏଭଳି ଅଭିଯୋଗ ଦେଖିବାକୁ ମିଳିଛି ରାୟଗଡ଼ା ବ୍ଲକ ଏବଂ କଲ୍ୟାଣସିଂହପୁର ବ୍ଲକରେ।

ରାୟଗଡ଼ା ବ୍ଲକ ଗାଜିଗାଁ ପଞ୍ଚାୟତର ଶତାଧିକ ବୃଦ୍ଧାବୃଦ୍ଧ ଗତ ୫ ମାସ ହେଲା ଭତ୍ତା ଟଙ୍କା ନ ପାଇ ସୋମବାର ରାୟଗଡ଼ା ବ୍ଲକ କାର୍ଯ୍ୟାଳୟକୁ ଆସି ଅଭିଯୋଗ କରିଥିଲେ। ବ୍ଲକ କାର୍ଯ୍ୟାଳୟରେ ଉପସ୍ଥିତ ବ୍ଲକ୍ ଉପାଧ୍ୟକ୍ଷ ହରପ୍ରସାଦ ହେପ୍ରୁକା ପଞ୍ଚାୟତ ବାସିନ୍ଦାଙ୍କ ସହ ଆଲୋଚନା କରିଥିଲେ । ପୂର୍ବରୁ ସେମାନଙ୍କ ଟଙ୍କା ବ୍ୟାଙ୍କ ଆକାଉଣ୍ଟକୁ ଯାଉଥିଲା। ହେଲେ ବର୍ତ୍ତମାନ ପୋଷ୍ଟ ଅଫିସରେ ରହିଥିବା ଆକାଉଣ୍ଟକୁ ଟଙ୍କା ଯାଇଥିବା ଭତ୍ତା ସେକ୍ସନରୁ ଜଣାପଡ଼ିଥିଲା । ସେମାନେ



ବିଡିଓଙ୍କୁ ଅଭିଯୋଗ କରିବାକୁ ଆସିଥିବା ହିତାଧିକାରୀ।

ଏହା ଜାଣି ନ ପାରି ଅଭିଯୋଗ ପାଇଁ ବ୍ଲକ କାର୍ଯ୍ୟାଳୟକୁ ଆସିଥିଲେ ଏବଂ ଏହାର ଶୀଘ୍ର ସମାଧାନ କରିବା ସହିତ ସେମାନଙ୍କୁ ପୋଷ୍ଟାଲ ବିଭାଗରୁ କିଭଳି ସୁବିଧାରେ ଭତ୍ତା ମିଳିପାରିବ ସେ ବ୍ୟବସ୍ଥା କରାଯିବ ବୋଲି ହରପ୍ରସାଦ କହିଛନ୍ତି । ତେବେ ବ୍ୟାଙ୍କ ଆକାଉଣ୍ଟ ପରିବର୍ତ୍ତେ ପୋଷ୍ଟାଲ ଆକାଉଣ୍ଟକୁ ଭତ୍ତା ଟଙ୍କା ଯିବା ନେଇ ପଞ୍ଚାୟତସ୍ତରରେ ବିଭାଗୀୟ କର୍ମଚାରୀ ଅଞ୍ଚଳବାସୀଙ୍କୁ କୌଣସି ସୂଚନା ଦେଇ ନ ଥିବାରୁ ହିତାଧିକାରୀ ଏଭଳି ହଇରାଣ ହେଉଛନ୍ତି ବୋଲି ସେ କହିଛନ୍ତି। ଏ ନେଇ ରାୟଗଡ଼ା ବିଡିଓ ଲକ୍ଷ୍ମୀନାରାୟଣ ସାବତଙ୍କୁ ପଚାରିବାରୁ ସେ କହିଛନ୍ତି, ହିତାଧିକାରୀଙ୍କ ଆଧାର ଲିଙ୍କ୍ ରହିଥିବା ଆକାଉଣ୍ଟକୁ ଟଙ୍କା ଯାଇଛି। ଏହା ସେମାନଙ୍କୁ ଭତ୍ତା ସେକ୍ସନରେ ଯାଞ୍ଚ କରି ତଥ୍ୟ ଦିଆଯାଇଛି । ଅଗାମୀ ଦିନରେ ସେମାନେ କିଭଳି ଆଉ ହଇରାଣ ନ ହେବେ ସେ ନେଇ ସଚେତନତା କରାଯିବ ବୋଲି ବିଡ଼ିଓ ସାବତ କହିଛନ୍ତି।

ସେହିଭଳି ସୋମବାର କଲ୍ୟାଣସିଂହପୁର ବ୍ଲକରେ ମଧ୍ୟ ଅନୁରୂପ ଅଭିଯୋଗ ହୋଇଥିଲା । ପ୍ରାୟ ୬ରୁ ୭ମାସ ହେବ ଭତ୍ତା ପାଇ ନ ଥିବା ନେଇ ବହୁ ହିତାଧିକାରୀ ବ୍ଲକ କାର୍ଯ୍ୟାଳୟକୁ ଆସି ବିଡିଓ ସୁନୀଲ ଖରାଙ୍କୁ ଅଭିଯୋଗ କରିଥିଲେ । ସେମାନେ ଟଙ୍କା ପାଇଁ ବ୍ଲକ କାର୍ଯ୍ୟାଳୟ, ବ୍ୟାଙ୍କ ଓ ଜନସେବା କେନ୍ଦ୍ରକୁ ଗଲେ ମଧ୍ୟ ସେମାନଙ୍କ ଭତ୍ତା ଟଙ୍କା ଠିକ୍ ସମୟରେ ପାଇପାରୁ ନ ଥିବା ଅଭିଯୋଗ କରିଥିଲେ।

### କେତେବେଳେ ପୋଷ୍ଟ ଅଫିସ୍, କେବେ ବ୍ୟାଙ୍କ ଆକାଉଣ୍ଟକୁ ଆସୁଛି ଭତ୍ତା ଟଙ୍କା

ଏପରିକି ଗ୍ରୀଷ୍ମଦିନରେ ଛତା ଓ ଶୀତଦିନରେ ଶୀତବସ୍ତ୍ର ପାଇଁ ସରକାର ଦେଇଥିବା ଟଙ୍କାକୁ ଅଧିକାରୀମାନେ ଆତ୍ମସାତ୍ କରିଥିବା ହିତାଧିକାରୀମାନେ ଅଭିଯୋଗ କରିଥିଲେ। ବିଡିଓ ଖରା କହିଛନ୍ତି, ଡିବିଟି ମାଧ୍ୟମରେ ସମସ୍ତ ହିତାଧିକାରୀଙ୍କ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର ହୁଏ ଏବଂ କେବଳ ମଧୁବାବୁ ପେନ୍‌ସନ ଯୋଜନାରେ ହିତାଧିକାରୀ ନଗଦ ଟଙ୍କା ଦିଆଯାଏ । ତେଣୁ ଭତ୍ତା ସେକ୍ସନରେ ତଦନ୍ତ ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ସେ କହିଛନ୍ତି। ତେବେ ଗ୍ରାମାଞ୍ଚଳରେ ଏହି ଡିଜିଟାଲ ମାଧ୍ୟମରେ ସିଧାସଳଖ ଟଙ୍କା ବ୍ୟାଙ୍କ ଅଥବା ପୋଷ୍ଟାଲ ଆକାଉଣ୍ଟକୁ ଯାଉଥିବା ବେଳେ ଉପଯୁକ୍ତ ସଚେତନତା ଅଭାବରୁ ଏହିଭଳି ସମସ୍ୟା ଉପୁଜୁଛି । ତେଣୁ ଜିଲା ପ୍ରଶାସନ ଏଥିପ୍ରତି ଧ୍ୟାନ ଦେଇ ଏହାର ସ୍ଥାୟୀ ସମାଧାନ କରିବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

## ସଂକ୍ଷେପରେ

### କେନାଲ, ଡ୍ରେନ୍‌ରୁ ଆବର୍ଜନା ସଫାକଲେ ଗ୍ରାମବାସୀ



ଟିକିରି, ୨୫।୭(ପ୍ରଫୁଲ୍ଲ କୁମାର ବେହେରା)- କାଶୀପୁର ବ୍ଲକ ସଦରରେ ଥିବା ଏକ ଡ୍ରେନ୍ ଓ କେନାଲ ଅଳିଆ ଆବର୍ଜନାରେ ପୂର୍ଣ୍ଣ ହୋଇରହିଛି। ତେଣୁ ଲଗାତର ୩ରୁ ୪ ସପ୍ତାହ ଧରି ଲଗାଣ ବର୍ଷା ଯୋଗୁ ଡ୍ରେନ୍ ଓ କେନାଲର ଅପରିଷ୍କାର ପାଣି ନିଷ୍କାସନ ହୋଇ ନ ପାରି ସହର ମଧ୍ୟରେ ପଶୁଛି। ଅଳିଆ ଆବର୍ଜନା ସଫା କରିବା ପାଇଁ ଗ୍ରାମବାସୀ ବାରମ୍ବାର ବ୍ଲକ୍ ପ୍ରଶାସନ ଓ ପଞ୍ଚାୟତ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିବା ପରେ ମଧ କୌଣସି ସୁଫଳ ମିଳି ନ ଥିଲା। ଫଳରେ କାଶୀପୁରସ୍ଥିତ ନୂଆସାହିର ଯୁବକମାନେ ସଂଘବଦ୍ଧ ଭାବେ ନିଜ ହାତରୁ ଖର୍ଚ୍ଚକରି ଏକ ଜେସିବି ମେଶିନ ଓ ଦୁଇଟି ଟ୍ରାକ୍ଟର ସାହାଯ୍ୟରେ ଡ୍ରେନ, କେନାଲ ଓ ଗ୍ରାମର ଅଳିଆ ଆବର୍ଜନା ଉଠାଉଥିବା ଦେଖିବାକୁ ମିଳିଛି। ଗ୍ରାମ ପରିମଳ ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ପ୍ରାୟ ୪ ଲକ୍ଷ ଟଙ୍କା ଥିବା କାଶୀପୁର ସରପଞ୍ଚ ଚମ୍ପା ମାଝି ଦର୍ଶାଇଛନ୍ତି । କିନ୍ତୁ ବର୍ଷା ଯୋଗୁ ଗ୍ରାମ ପରିମଳ କାର୍ଯ୍ୟ ହୋଇପାରୁନାହିଁ। ବର୍ଷା ଛାଡିଲେ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ପ୍ରତିବର୍ଷ ବର୍ଷାଦିନ ହେଲେ ଡାଇରିଆ, କଲେରା ଓ ଝାଡ଼ାବାନ୍ତି ଭଳି ମହାମାରୀରେ ସମଗ୍ର ରାଜ୍ୟରେ ପ୍ରଥମେ ଆକ୍ରାନ୍ତ ହୁଏ କାଶୀପୁର ବ୍ଲକ । ତେଣୁ ବର୍ଷାଦିନ ପୂର୍ବରୁ ବ୍ଲକ ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ, ଗ୍ରାମ୍ୟ ପରିମଳ ବିଭାଗ ପକ୍ଷରୁ ସଫେଇ କାର୍ଯ୍ୟ କରାଯିବା କଥା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

### ଅବିନାଶ ଗମାଙ୍ଗ ଯୁବକଂଗ୍ରେସ ସଭାପତି



ଗୁଣପୁର,୨୫।୭ (ପ୍ରଦୀପ କୁମାର ପାଢ଼ୀ) - ରାୟଗଡା ଜିଲା ଗୁଣପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଯୁବକଂଗ୍ରେସ ସଭାପତି ଭାବେ ଅବିନାଶ ଗମାଙ୍ଗ ମଙ୍ଗଳବାର ନିର୍ବାଚିତ ହୋଇଛନ୍ତି। ସେ ୫୬୦ ଭୋଟ ପାଇ ବିଜୟ ଲାଭ କରିଛନ୍ତି । ଅବିନାଶ ତାଙ୍କର ୨ ପ୍ରତିଦ୍ୱନ୍ଦ୍ୱୀ ଭାସ୍କର ଜାଗାରେଙ୍ଗା ଏବଂ ସତ୍ୟଜିତ୍ ଗମାଙ୍ଗଙ୍କୁ ପରାସ୍ତକରି ବିଜୟ ଲାଭ କରିଛନ୍ତି। ଅବିନାଶ କଂଗ୍ରେସ ଜିଲା ସଭାପତି ବିଜୟ କୁମାର ଗମାଙ୍ଗଙ୍କ ପୁଅ ।

### ୩୧ ୟୁନିଟ୍ ରକ୍ତ ସଂଗ୍ରହ

ମୁନିଗୁଡ଼ା,୨୫।୭ (ରାଧେଶ୍ୟାମ ଅଗ୍ରୱାଲ)- ମୁନିଗୁଡାଠାରେ ଥିବା ସୁଭଦ୍ରା -ଉଦ୍ଧବ ଶୈକ୍ଷିକ ମଙ୍ଗଳ ଭବନ ପରିସରରେ ଆମ ପୋଲିସ ସମିତି ମୁନିଗୁଡ଼ା ଓ ଆମ ଓଡ଼ିଶା ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଷମକଟକ ଏସ୍‌ଡିପିଓ ଆକାଶ ଚନ୍ଦ୍ର ସାହୁ ଶିବିରକୁ ଉଦ୍‌ଘାଟନ କରିଥିବା ବେଳେ ସ୍ଥାନୀୟ ଆଇଆଇସି ସୌଦାମିନୀ ବେହେରା, ମନୋରଞ୍ଜନ ବିଶ୍ୱାଳ, ହେମଲତା ଶବର, ଭାଜପା ରାଜ୍ୟ ଓବିସି ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ। ଏସ୍‌ଡିପିଓ ସାହୁ, ଇନ୍ସପେକ୍ଟର ହେମଲତା ଶବର, ମନୋରଞ୍ଜନ ବିଶ୍ୱାଳ,ଏଏସ୍‌ଆଇ ମାଧବ ମାଡକାମି, ଏମ୍‌ବିକେ ଅମ୍ବିକା ନାୟକ, ପ୍ରଶାନ୍ତ ପରିଛା, ନବଘନ ପ୍ରଧାନ, ପଙ୍କଜ କୁମାର, ଜିତନ କୁମାର ବେହେରା, ଅଂଶୁମାନ ବେହେରା, ସନ୍ତୋଷ କୁମାର ପାଢ଼ୀ, ରାଜୀବ ଲୋଚନ ଦାସ, ଜଗନ୍ନାଥ ପ୍ରସାଦ ପାତ୍ର , ଗୋବିନ୍ଦ ପୋଲିମିକା, ରାଜେଶ ପାଣିଗ୍ରାହୀ ପ୍ରମୁଖ ରକ୍ତଦାନ କରିଛନ୍ତି। ଏହି ଅବସରରେ ୩୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

## ଚୋରି ଅଭିଯୋଗରେ ୨ ଅଭିଯୁକ୍ତ ଗିରଫ

ରାମନାଗୁଡ଼ା,୨୫।୭(ସଞ୍ଜୟ ପ୍ରଧାନ )

ରାମନାଗୁଡ଼ା ପୋଲିସ ଚୋରି ଅଭିଯୋଗରେ ୨ ଅଭିଯୁକ୍ତଙ୍କୁ ଗିରଫକରି ମଙ୍ଗଳବାର କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତ ହେଲେ ଅମଲାବଟା ଗ୍ରାମର ପେଦାବାବୁ ମାଣ୍ଡାଙ୍ଗି (୧୯), ଭାଟିପଡାର ଚିନ୍ନା ନାଗବଂଶ। ପୋଲିସ ସେମାନଙ୍କ ନିକଟରୁ ଗୋଟେ ବାଇକ, ଲୁହାଛଡ଼ ଓ ଚୋରି ସାମଗ୍ରୀ ଜବତ କରିଛି।ସୂଚନା ଅନୁଯାୟୀ, ରାମନାଗୁଡା ଥାନା ଅଞ୍ଚଳରେ ଗତ କିଛିଦିନ ଧରି ବାରମ୍ବାର ଚୋରି ହେଉଥିବା ନେଇ ଅଭିଯୋଗ ହୋଇଆସୁଥିଲା । ପୋଲିସ ପକ୍ଷରୁ ପାଟ୍ରୋଲିଂ ଜୋର୍‌ଦାର କରାଯାଉଥିଲେ ବି ଦୁର୍ବୃତ୍ତଙ୍କୁ ଧରିବାରେ ପୋଲିସ ସକ୍ଷମ ହୋଇ ନ ଥିଲା। ଚାକୁଣ୍ଡା ନିୟନ୍ତ୍ରିତ ବଜାର କମିଟିର କପା ବଜାର ପ୍ରାଙ୍ଗଣରେ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ନେଇ ସେଠାକାର କର୍ମଚାରୀ ଚିତ୍ତରଞ୍ଜନ ପ୍ରଧାନ ଥାନାରେ ଅଭିଯୋଗ କରିଥିଲେ। ରାମନାଗୁଡା ପୋଲିସ ସେକେଣ୍ଡ ଅଫିସର ବାବୁଲା ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରିବା ସମୟରେ ଏକ ନମ୍ବର ବିହୀନ ବାଇକ ସହ ୨ ଯୁବକ ସନ୍ଦେହ ଘେରକୁ ଆସିଥିଲେ। ସେମାନଙ୍କୁ ପୋଲିସଯାଞ୍ଚ କରିବା ପରେ ତାଙ୍କ ନିକଟରୁ ଚୋରୀ ସାମଗ୍ରୀ ଜବତ ହୋଇଥିଲା ।

## ‘ପ୍ରାର୍ଥୀ ଚୟନ ଠିକ୍ ମାର୍ଗରେ କରାଯାଉ’

### ଜିଲା ସଭାପତିଙ୍କ ଘରେ କଂଗ୍ରେସ ନେତା, କର୍ମୀଙ୍କ ବୈଠକ

ଗୁଣପୁର,୨୫।୭ (ପ୍ରଦୀପ କୁମାର ପାଢ଼ୀ)

ଆଗକୁ ସାଧାରଣ ନିର୍ବାଚନ ଥିବାରୁ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇବାରେ ଲାଗିଛି। ନିର୍ବାଚନକୁ ନେଇ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଅଙ୍କକଷା ଆରମ୍ଭ ହୋଇଗଲାଣି। ରାୟଗଡା କଂଗ୍ରେସ ଜିଲା ସଭାପତି ବିଜୟ କୁମାର ଗମାଙ୍ଗଙ୍କ ଗୁଣପୁରସ୍ଥିତ ବାସଭବନରେ ମଙ୍ଗଳବାର ଆୟୋଜିତ ଏକ ବୈଠକରେ ଗୁଣପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗୁଣପୁର, ପଦ୍ମପୁର, ଗୁଡାରୀ ଏବଂ ରାମନାଗୁଡା ଅଞ୍ଚଳର କଂଗ୍ରେସ ନେତାମାନେ ଯୋଗଦେଇଥିଲେ। ବୈଠକରେ ଦଳରେ ଚାଲିଥିବା ବିଭିନ୍ନ ସାମ୍ପ୍ରତିକ ଘଟଣାବଳୀ ଉପରେ ଆଲୋଚନା ହୋଇଥିଲା। ତେବେ ଗତ କିଛିଦିନ ଧରି ବିଭିନ୍ନ ଖବରକାଗଜରେ ଜିଲାର ୩ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ଆଶାୟୀ ବିଧାୟକ ପ୍ରାର୍ଥୀଙ୍କ ଯେଉଁ ନାମ ପ୍ରକାଶ ପାଉଛି, ତାକୁ ନେଇ ନେତା ଓ କର୍ମୀ ମହଲରେ ଚାପା ଅସନ୍ତୋଷ ଦେଖିବାକୁ ମିଳିଛି।

ବିଶେଷକରି ଗୁଣପୁର ନିର୍ବାଚନ ମଣ୍ଡଳୀରେ କାହାକୁ ଦଳ ପ୍ରାର୍ଥୀ କରିବ



ବିଜୟ ଗମାଙ୍ଗଙ୍କ ବାସଭବନରେ ଆୟୋଜିତ ବୈଠକରେ ଉପସ୍ଥିତ କଂଗ୍ରେସ ନେତା ଓ କର୍ମୀ।

ତାହା ବିଧିବଦ୍ଧ ଘୋଷଣା ହୋଇ ନ ଥିଲେ ମଧ୍ୟ ଦଳ ଭିତରେ ଆରମ୍ଭ ହୋଇଯାଇଛି ଟଣାଓଟରା ପରିସ୍ଥିତି। ବିଭିନ୍ନ ଅଞ୍ଚଳରୁ ଆସିଥିବା ନେତା ଏବଂ କର୍ମୀମାନେ ବୈଠକରେ ନିଜ ନିଜର ମତ ରଖିଥିଲେ। ରାଜ୍ୟ କିମ୍ବା କେନ୍ଦ୍ର ନେତୃବୃନ୍ଦ ବିଧାୟକ ପ୍ରାର୍ଥୀ ଚୟନ କରିବା ପୂର୍ବରୁ ସ୍ଥାନୀୟ ନେତା ଓ କର୍ମୀଙ୍କ ମତାମତ ନେବା ଉଚିତ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ସେହିପରି ରାଜ୍ୟସ୍ତରର ନେତାମାନେ ତୃଣମୂଳସ୍ତରକୁ ଆସି ଦଳୀୟ ନେତାଙ୍କ ସହ ଆଲୋଚନା କରି ପ୍ରାର୍ଥୀ ଚୟନ ଠିକ୍ ମାର୍ଗରେ କରନ୍ତୁ ବୋଲି ମତ ଦେଇଥିଲେ। ଗୁଣପୁର ଅଞ୍ଚଳରୁ ସତ୍ୟଜିତ ଗମାଙ୍ଗ ଆଶାୟୀ ପ୍ରାର୍ଥୀ ରହିଥିବାବେଳେ ସେ ଭୁବନେଶ୍ୱର ଯାଇ ରାଜ୍ୟ ନେତାଙ୍କ ସହ ଆଲୋଚନା କରିଥିବା ଏବଂ ତାଙ୍କୁ ଦଳ ଗ୍ରୀନ୍ ସିଗନାଲ ଦେଇଥିବା ଖବର ବିଭିନ୍ନ ଖବରକାଗଜରେ ପ୍ରକାଶ ପାଇବା ପରେ ଦଳରେ ଆରମ୍ଭ ହୋଇଛି ତୁମ୍ବିତୋଫାନ। ବିଶିଷ୍ଟ କଂଗ୍ରେସ ନେତା ତଥା ରାଜ୍ୟ କାର୍ଯ୍ୟାକାରିଣୀ ସଦସ୍ୟ ରଘୁ ପାତ୍ର କହିଛନ୍ତି, ଭୁବନେଶ୍ୱରରେ ସେପରି କିଛି ଆଲୋଚନା ହୋଇନାହିଁ। ଯଦି ଯାହାର ନାମ ଚର୍ଚ୍ଚାରେ ଉଠୁଛି କର୍ମୀ ଏବଂ ନେତାଙ୍କ ମତ ରଖି ଠିକ୍ ମାର୍ଗରେ ଚୟନ କରାଯାଉ ବୋଲି ସେ କହିଛନ୍ତି। ତେବେ ଦଳ ଯାହାକୁ ବି ପ୍ରାର୍ଥୀ କରିବେ ଆମେ ସହଯୋଗ କରିବୁ ବୋଲି ସେ କହିଛନ୍ତି। ସେହିପରି ଜିଲା ସଭାପତି ବିଜୟ ଗମାଙ୍ଗ କହିଛନ୍ତି, ଗତ ୨୨ ତାରିଖରେ ରାଜ୍ୟର ବୈଠକରେ କେଉଁ ଆଶାୟୀ ପ୍ରାର୍ଥୀ ଯୋଗଦେଇଥିଲେ ସେ ନେଇ କିଛି ଜାଣିନାହାନ୍ତି। ଯଦି ସେପରି କିଛି ହୋଇଛି, ତେବେ ଜିଲା ସଭାପତି ଭାବେ ମୋର ମତାମତ ନିଆଯାଇଥିଲେ ଭଲ ହୋଇଥାନ୍ତା ବୋଲି କହିଛନ୍ତି। ତେବେ ଦଳ ଯାହାକୁ ବି ପ୍ରାର୍ଥୀ କରନ୍ତୁ ସଠିକ ଏବଂ ଉପଯୁକ୍ତ ପ୍ରକ୍ରିୟା ଅବଲମ୍ବନ କରି କରନ୍ତୁ ବୋଲି ବିଜୟ କହିଛନ୍ତି।

## ‘ଆମ ଓଡ଼ିଶା ନବୀନ ଓଡ଼ିଶା’ କାର୍ଯ୍ୟକ୍ରମ

ଟିକିରି, ୨୫।୭( ପ୍ରଫୁଲ୍ଲ କୁମାର ବେହେରା)

କାଶୀପୁର ବ୍ଲକ ବାଙ୍କାମ୍ବ ପଞ୍ଚାୟତଠାରେ ମଙ୍ଗଳବାର ‘ଆମ ଓଡ଼ିଶା ନବୀନ ଓଡ଼ିଶା’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାୟଗଡା ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, ଜିଲା ସ୍ୱତନ୍ତ୍ର ଉନ୍ନୟନ ଅଧ୍ୟକ୍ଷା ଅନସୂୟା ମାଝି, ବାଙ୍କାମ୍ବ ସରପଞ୍ଚ ପିଲୁକୁ ମାଝି ପ୍ରମୁଖ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ ‘ଆମ ଓଡ଼ିଶା ନବୀନ ଓଡିଶା’ ଯୋଜନା ବିଷୟରେ ଲୋକଙ୍କୁ ବୁଝାଇଥିଲେ। ଏହି ଯୋଜନାରେ ପ୍ରତି ପଞ୍ଚାୟତକୁ ସ୍ୱତନ୍ତ୍ର ଭାବେ ୫୦ ଲକ୍ଷ ଟଙ୍କା ଦିଆଯିବାର ବ୍ୟବସ୍ଥା ରହିଛି। ଫଳରେ ପ୍ରତି ପଞ୍ଚାୟତ, ପ୍ରତି ଗାଁରେ ଉନ୍ନୟନମୂଳକ କାର୍ଯ୍ୟର ସଫଳ ରୂପାୟନ ହେବା ସହ ଏହି ଯୋଜନାରେ ଗ୍ରାମବାସୀଙ୍କୁ ଜଡ଼ିତ କରିବା ପାଇଁ ପ୍ରୟାସ କରାଯାଇଥିବା ଅଧ୍ୟକ୍ଷା ମାଝି କହିଛନ୍ତି। ବୈଠକରେ ସମସ୍ତ ଗାଁର ୱାର୍ଡମେମ୍ବରଙ୍କ ସହ ସୀମନ ଖସଲା, ଭ୍ରମର ସାହୁ, ରଘୁ ଝୋ, ଅନନ୍ତ ବାଘ, କାଶୀନାଥ ବିଶୋଇ, ଗୁପ୍ତ ସାହୁ, ବଳରାମ ବାଘ , ଅର୍ଜୁନ ଖୋସ୍‌ଲା, ସୁଧାକର ମାଝି , ତରୁଣୀ ବାଘ, ବାଙ୍କାମ୍ବ ପଞ୍ଚାୟତ ପ୍ରତ୍ୟେକ ଗ୍ରାମର ମୁଖିଆମାନେ ଉପସ୍ଥିତ ଥିଲେ।

## ସରକାରୀ ଅଫିସ୍ ପରିସରରେ ରହୁଛନ୍ତି ଶ୍ରମିକ, ବଢ଼ୁଛି ଅପରାଧ

### ଦିବ୍ୟାଙ୍ଗ ଯୁବତୀଙ୍କୁ ବଳାତ୍କାର ମାମଲା

ରାୟଗଡ଼ା,୨୫।୭
(ଆଶିଷ ରଞ୍ଜନ ପଣ୍ଡା)

ଠିକା ସଂସ୍ଥାରେ କାର୍ଯ୍ୟ କରୁଥିବା ଶ୍ରମିକମାନେ କାମ ସରିବା ପରେ ବେଆଇନ ଭାବେ ସରକାରୀ କାର୍ଯ୍ୟାଳୟ ପରିସରରେ ରହୁଛନ୍ତି। ଫଳରେ ଚୋରି, ଦୁଷ୍କର୍ମ ଭଳି ଅପରାଧ ବଢୁଥିବା ଅଭିଯୋଗ ହେଉଛି। ଏଭଳି ଘଟଣା ଦେଖିବାକୁ ମିଳିଛି, ରାୟଗଡ଼ା ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପରିସରରେ। ଜଳ ଯୋଗାଣ ପାଇଁ ପାଇପ ସଂଯୋଗୀକରଣ କରୁଥିବା ବାଲାଜୀ କନଷ୍ଟ୍ରକ୍ସନ କମ୍ପାନୀ ବାହାର ରାଜ୍ୟରୁ ଆଣିଥିବା ନିଜ ଶ୍ରମିକମାନଙ୍କୁ ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପରିସରରେ ରହିବାକୁ ଦେଇ କାମ କରାଉଛନ୍ତି। ଉତ୍ତରପ୍ରଦେଶ ରାଜ୍ୟର ଜଣେ ଶ୍ରମିକ ଗୁଲଫାମ ଅଲ୍ଲୀ (୨୭) ଅଫିସ ପରିସରରେ ରହି ସେହି ଅଞ୍ଚଳର ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ଦୁଷ୍କର୍ମ କରି ଗିରଫ ହେବା ପରେ ଠିକା ସଂସ୍ଥା ନିଜ ଶ୍ରମିକଙ୍କ ଥଇଥାନ ବ୍ୟବସ୍ଥା ଅନ୍ୟତ୍ର ନ କରି ଏଭଳି ସରକାରୀ କାର୍ଯ୍ୟାଳୟ ପରିସରେ କାହିଁକି ରଖିଛି ବୋଲି ପ୍ରଶ୍ନ ଉଠିଛି। ଏଥିପାଇଁ ଜନସ୍ୱାସ୍ଥ୍ୟ ବିଭାଗର କେଉଁ ଅଧିକାରୀ ଅନୁମତି ପ୍ରଦାନ କରିଛନ୍ତ, ଯଦି ଅନୁମତି ପ୍ରଦାନ କରିଛନ୍ତି ତେବେ କେଉଁ ନିୟମ ଆଧାରରେ ଠିକା ସଂସ୍ଥାର



ଜନସ୍ୱାସ୍ଥ୍ୟ ବିଭାଗ ସରକାରୀ ଅଫିସ ପରିସର କୋଠାରେ ରହୁଛନ୍ତି କନଷ୍ଟ୍ରକ୍ସନ କର୍ମଚାରୀ।

ଶ୍ରମିକମାନଙ୍କୁ କାର୍ଯ୍ୟାଳୟ ପରିସରରେ ରାତିରେ ରହିବାକୁ ଅନୁମତି ଦେଇଛନ୍ତି ବୋଲି ପ୍ରଶବାଚୀ ସୃଷ୍ଟି ହୋଇଛି। ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ଏଭଳି ଦୁଷ୍କର୍ମ କରାଯିବା ଘଟଣାରେ ଜିଲା ପ୍ରଶାସନ ହସ୍ତକ୍ଷେପ କରି ତଦନ୍ତ କରିବା ସହ ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ଏ ନେଇ ରାୟଗଡ଼ା ଡିଭିଜନ ନିର୍ବାହୀ ଯନ୍ତ୍ରୀ ଶରତ ପାଣିଗ୍ରାହୀଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ ଯେ, ସେଠାରେ କନଷ୍ଟ୍ରକ୍ସନ କାମ ଚାଲିଥିବାରୁ ସେମାନେ ସେଠାରେ ରହୁଛନ୍ତି । ଅଭିଯୁକ୍ତ ଜଣକ ପାଇପ ସଂଯୋଗୀକରଣ କାମ କରୁଥିଲେ। ଯଦି ଜିଲା ପ୍ରଶାସନ କିମ୍ବା ପୋଲିସ ସେମାନଙ୍କୁ ସେହି ସ୍ଥାନରେ ରହିବାକୁ ମନା କରିବା ନେଇ ନିର୍ଦ୍ଦେଶ ଦିଏ ତେବେ ଆମେ ସେଠାରୁ ସେମାନଙ୍କୁ ଅନ୍ୟତ୍ର ରହିବାକୁ କହିବୁ ବୋଲି ଯନ୍ତ୍ରୀ ପାଣିଗ୍ରାହୀ କହିଛନ୍ତି ।

## କୋଲନରାକୁ ହରାଇ ଜନସେନା ଚାମ୍ପିୟନ

### ସିପିଏମ୍ ପ୍ରିମିୟମ ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଜେକେପୁର,୨୫।୭(ନିଧି ଗାଣ୍ଡେଚା)

ଜେକେପୁର ସ୍ଥିତ ୟୁନିୟନ ଅଫିସ ସମ୍ମୁଖ ପଡ଼ିଆରେ ଦୀର୍ଘ ୧୫ ଦିନ ଧରି ଚାଲିଥିବା ସିପିଏମ ପ୍ରିମିୟମ ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ମୋଟ ୧୬ଟି ଦଳ ଭାଗ ନେଇଥିବାବେଳେ ଫାଇନାଲ ମ୍ୟାଚ କୋଲନରା ଓ ଜନସେନା ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । କୋଲନରା ଦଳକୁ ହରାଇ ଜନସେନା ଚାମ୍ପିୟନ ହୋଇଛି। କୋଲନରା ଦଳ ଟସ୍ ଜିତି ପ୍ରଥମେ ଫିଲଡ଼ିଂ କରିଥିବା ବେଳେ ନିର୍ଦ୍ଧାରିତ ଓଭର ମଧ୍ୟରେ ଜନସେନା ଦଳ ୯୭ ରନ୍



ଅତିଥିଙ୍କ ଗହଣରେ ଖେଳାଳିମାନେ।

କରିଥିଲା।୮ ଓଭର୍ ବିଶିଷ୍ଟ ଏହି ମ୍ୟାଚରେ ୯୭ ରନର ଲକ୍ଷ୍ୟ ରଖି କୋଲନୋରା ଦଳ ମାତ୍ର ୯୨ ରନ୍ କରି ସମସ୍ତ ୱିକେଟ ହରାଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜେକେ କାଗଜ କଳ ତରଫରୁ ବିଶ୍ୱଜିତ ଦ୍ୱିବେଦୀ ଯୋଗ ଦେଇ ବିଜୟୀ ଦଳକୁ ୧୫ ହଜାର ଟଙ୍କା ଟ୍ରଫି ଓ ୱିନର ଦଳକୁ ୧୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା । ସେହିପରି ଅନ୍ୟତମ ଅତିଥି ଭାବେ କୋଲନରା କ ଜୋନ ଜିଲା ପରିଷଦ ସଭ୍ୟ ଧବଳେଶ୍ୱର ନାଇଡୁ, ରାୟଗଡ଼ା ଗ ଜୋନର ପୂର୍ବତନ ଜିଲା ପରିଷଦ ସଭ୍ୟ ପି ଗୌରୀଶଙ୍କର ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଭାତ କୁମାର ସ୍ୱାଇଁ, ଇଶ୍ୱର ରାଓ ଇସୁ , ଗୌରପା, ଅନିଲ ଅଧିକାରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମା’ମାଣିକେଶ୍ୱରୀ ସାହିତ୍ୟ ସଂସ୍କୃତି, କଳା ପରିଷଦର ବାର୍ଷିକୋତ୍ସବ

ଗୁଡ଼ାରି,୨୫।୭(ପ୍ରମୋଦ କୁମାର ପତି)

ଗୁଡ଼ାରି ମା’ ମାଣିକେଶ୍ୱରୀ ସାହିତ୍ୟ ସଂସ୍କୃତି ଓ କଳା ପରିଷଦ ଦ୍ୱିତୀୟ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ନରସିଂହ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ସମ୍ମାନିତ ଅତିଥି ନବରଙ୍ଗପୁର ଅବସରପ୍ରାପ୍ତ ନିର୍ବାହୀ ଅଧିକାରୀ ଭି.ପ୍ରସାଦ ରାଓ, ଅବସରପ୍ରାପ୍ତ ଶିକ୍ଷକ ଦିବ୍ୟସିଂହ ମିଶ୍ର, ଶିକ୍ଷାବିତ ଓ ସାହିତ୍ୟିକ ବାଳକୃଷ୍ଣ ମିଶ୍ର, ଆଦର୍ଶ ଶିକ୍ଷକ, କବି, ଆଲୋଚକ ତଥା ପ୍ରାବନ୍ଧିକ ରମେଶ ଚନ୍ଦ୍ର ମିଶ୍ର ମଞ୍ଚାସୀନ ଥିଲେ । କଳା ପରିଷଦ ପକ୍ଷରୁ ବିଧାୟକ ଗମାଙ୍ଗଙ୍କ ଦ୍ୱାରା ଗୁଡ଼ାରିର ବରପୁତ୍ର ସମ୍ମାନ ସ୍ୱର୍ଗତ ରାମନାଥ ପାଣିଗ୍ରାହୀଙ୍କ ନାମରେ ଉତ୍ସର୍ଗୀକୃତ କରାଯାଇଥିବା ବେଳେ ଶିକ୍ଷାବିତ୍ ଓ ସାହିତ୍ୟିକ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବାଳକୃଷ୍ଣ ମିଶ୍ରଙ୍କୁ ସାହିତ୍ୟ ଓ ସଂସ୍କୃତି ସମ୍ମାନ, ଅବସରପ୍ରାପ୍ତ ଶିକ୍ଷକ ଦିବାକର ମହାଙ୍କୁଡଙ୍କୁ ନିଷ୍ଠାପର ସମ୍ମାନ, ହୃଷୀକେଶ ରଥଙ୍କୁ ଭୂମିପୁତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିଭଳି ମନୋଜ କୁମାର ସେନାପତିଙ୍କୁ ବଣମାଳୀ ସମ୍ମାନ, ୧୦୨ ଜନନୀ ଏକ୍ସପ୍ରେସ୍ ଡ୍ରାଇଭର ଡି. ସୁରେଶ କୁମାରଙ୍କୁ ନିଃସ୍ୱାର୍ଥପର ସେବା ସମ୍ମାନ ଏବଂ ଶୁଭ୍ରାଂଶୁ ରଥଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା ।

## ରାଜସ୍ୱ,ପୌର ପରିଷଦ ପକ୍ଷରୁ ଜମି ଚିହ୍ନଟୀକରଣ

### ରେଳ ବିଭାଗ ଜବରଦଖଲ ଉଚ୍ଛେଦ ନୋଟିସ ପରେ ପ୍ରଶାସନର ଚେତା ପଶିଲା

ଗୁଣପୁର,୨୫।୭ (ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ସହରରେ ଥିବା ରେଳ ବିଭାଗର ଜମିରୁ ଜବରଦଖଲ ଉଚ୍ଛେଦ ନେଇ ବିଭାଗ ପକ୍ଷରୁ ନୋଟିସ୍ ହେବା ପରେ ରାଜସ୍ୱ ଏବଂ ପୌର ପରିଷଦର ଚେତା ପଶିଛି। ମଙ୍ଗଳବାର ପୌର କର୍ମଚାରୀ ଏବଂ ତହସିଲ କର୍ମଚାରୀଙ୍କ ଉପସ୍ଥିତିରେ ଜମି ଚିହ୍ନଟକରଣ କରାଯାଇଛି। ସବାଇ ଘାସ, ପତିତ ଜମିଏବଂ ରେଳ ବିଭାଗର ଜମି ଚିହ୍ନଟ କରାଯାଇଥିଲା ।ଗତ ୧୪ ତାରିଖରେ ରେଳ ବିଭାଗ ଜମିରୁ ଜବରଦଖଲ ଉଚ୍ଛେଦ ନେଇ ନୋଟିସ୍ କରାଯାଇଥିଲା। ୭ଦିନ ମଧ୍ୟରେ ଜବରଦଖଲ ସ୍ଥାନ ଖାଲି ନ କଲେ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି। ରେଳ ବିଭାଗ ପକ୍ଷରୁ ଚେତାବନୀ ପୂର୍ଣ୍ଣ ଚିଠି ଏବଂ ଲୋକମାନେ ମଧ୍ୟ ଜମି ଚିହ୍ନଟକରଣ ପାଇଁ ତହସିଲଦାରଙ୍କୁ ପତ୍ର ଲେଖିବା ପରେ ରାଜସ୍ୱ ଏବଂ ପୌର ପରିଷଦ ପଦକ୍ଷେପ ନେଇଛି।



ପୌର ଅଧିକାରୀ,ରାଜସ୍ୱ ବିଭାଗ କର୍ମଚାରୀଙ୍କ ଉପସ୍ଥିତିରେ ଚିହ୍ନଟୀକରଣ ଚାଲିଛି ।

ସୂଚନାଯୋଗ୍ୟ, ଦୀର୍ଘ ଦଶନ୍ଧି ଧରିପାନିଆ କଟା ଢେପ ଅଞ୍ଚଳରେ ଲୋକମାନେ ଘର କରି ରହିଆସୁଥିଲେ। ଏଥିସହିତ ରାଜ୍ୟ ସରକାର ଜାଗା ମିଶନରେ ଲୋକମାନଙ୍କୁ ପ୍ରମାଣପତ୍ର ଦେବା ସହ କେତେକଙ୍କୁ ପ୍ରଧାମନ୍ତ୍ରୀ ଆବାସ ଯୋଜନାରେ ଘର ମଧ୍ୟ ଯୋଗେଇଥିଲେ। ଏପିରି ଘଟଣାକ୍ରମ ମଧ୍ୟରେ ରେଳ ବିଭାଗ ପ୍ରଥମ ପର୍ଯ୍ୟାୟରେ ୨୧ ଏବଂ ୨ୟ ପର୍ଯ୍ୟାୟରେ ୧୫୭ ଜଣ ଜବରଦଖଲ କରିଥିବା କହିଥିଲେ। ଯଦି ଏହା ରେଳ ବିଭାଗର ଜାଗା ଥିଲା, ରାଜ୍ୟ ସରକାର ଜାଗା ମିଶନରେ ପ୍ରମାଣପତ୍ର ଦେବା ସହ କିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇଲେ ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଆଦିବାସୀ ବିରୋଧୀ ଦାବି ନେଇ ବନ୍ଦ ଡାକରା

### ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦର ଖବରଦାତା ସମ୍ମିଳନୀ

ରାୟଗଡ଼ା,୨୫।୭ (ଭାଗ୍ୟଶ୍ରୀ ମିଶ୍ର)

ଆଦିବାସୀମାନଙ୍କ ଉପରେ ଅତ୍ୟାଚାର ବଢ଼ି ଚାଲିଥିବା ଅଭିଯୋଗକରି ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ପକ୍ଷରୁ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ୨୧ଟି ଆଦିବାସୀ ବିରୋଧୀ ନୀତି ତଥା ଆଦିବାସୀ ବିରୋଧ କାର୍ଯ୍ୟକଳାପକୁ ବିରୋଧକରି ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ପକ୍ଷରୁ ଆନ୍ଦୋଳନ ଡାକରା ଦିଆଯାଇଛି । ସମାନ ନାଗରିକ ସଂହିତା (ୟୁସିସି ) ପ୍ରଣୟନକୁ ବିରୋଧ, ମଣିପୁର ଗଣ ବଳାତ୍କାର, ଛତିଶଗଡ଼ ଆଦିବାସୀ ଯୁବକଙ୍କ ଉପରେ ପରିସ୍ରା ଏଭଳି ମୋଟ ୨୧ଟି ଆଦିବାସୀ ବିରୋଧୀ କାର୍ଯ୍ୟକୁ ବିରୋଧ କରାଯାଇଛି। ଏହାର ତୁରନ୍ତ ସମାଧାନ କରା ନ ଗଲେ ଆଗାମୀ ଦିନରେ ଜୋର୍‌ଦାର ଆନ୍ଦୋଳନ କରାଯିବ ବୋଲି ମଙ୍ଗଳବାର ରାଷ୍ଟ୍ରୀୟ ଆଦିବାସୀ





ଖବରଦାତା ସମ୍ମିଳନୀରେ ଉପସ୍ଥିତ ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦର କର୍ମକର୍ତ୍ତା।

ଏକତା ପରିଷଦର ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ଏକ ଖବରଦାତା ସମ୍ମିଳନୀ କରାଯାଇ ଚେତାବନୀ ଦିଆଯାଇଛି।

ସୂଚନାଯୋଗ୍ୟ, ଗତ ଜୁନ୍ ୧୪ ତାରିଖରେ କେନ୍ଦ୍ର ସରକାର ଦେଶରେ ସମାନ ନାଗରିକ ସଂହିତା ଆଇନ ଲାଗୁ କରିବା ପାଇଁ ବିଜ୍ଞାପନ ପ୍ରକାଶ କରିଛନ୍ତି। ତେବେ ଉପରୋକ୍ତ ଆଇନ ଲାଗୁ ହେଲେ ଆଦିବାସୀମାନଙ୍କ ପରିଚୟ, କଳା, ସଭ୍ୟତା, ସଂସ୍କୃତି, ସାମାଜିକ ଐତିହ୍ୟ ସହ ଆଦିବାସୀମାନେ ନିଜର ଜଳ, ଜଙ୍ଗଲ ଜମି ତଥା ଭିଟାମାଟିରୁ ବେଦଖଲ ହେବେ। ତେଣୁ ଏହାକୁ ବିରୋଧ କରାଯାଉଛି ବୋଲି ରାଷ୍ଟ୍ରୀୟ ଆଦିବାସୀ ଏକତା ମଞ୍ଚର କର୍ମକର୍ତ୍ତା ସୂଚନା ଦେଇଛନ୍ତି। ସେହିପରି ଆସନ୍ତା ୨୭ ତାରିଖରେ ଜିଲାସ୍ତରରେ ରାଲି ସହ ଦାବିପତ୍ର ପ୍ରଦାନ କରାଯିବ। ଏଥିସହ ଅଗଷ୍ଟ ୭ରେ ଭାରତ ବନ୍ଦ ଡାକରା ଦିଆଯିବ ବୋଲି ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦୟାନିଧି ମଲ୍ଲିକ ସୂଚନା ଦେଇଛନ୍ତି। ତେବେ ୪ ଚରଣ ବିଶଷ୍ଟ ଆନ୍ଦୋଳନରୁ ୨ଟି ଶେଷ ହୋଇଥିବାବେଳେ ଆଉ ୨ଟି ଆନ୍ଦୋଳନ କରାଯିବ ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ଜିଲା ସଂଯୋଜକ ଲିଲି ମାଝି, ଜିଲା ସଭାପତି ପ୍ରତାପ ପୁଆଲା, ସିଡ୍ୟୁଲିକାଷ୍ଟ ଫେଡେରେଶନର ଜିଲା ସଂଯୋଜକ ପ୍ରୀତମ ଖରା, ଭାରତ ମୁକ୍ତିମୋର୍ଚ୍ଚାର ସଂଯୋଜକ ଜଗବନ୍ଧୁ ଲିମା ପ୍ରମୁଖ ଉପସ୍ଥିତ ଥିଲେ ।

**ଜିଲା ଶ୍ରମ ଅଧିକାରୀଙ୍କ ଗାଡିକୁ ଧକ୍କା ଦେଲା ପିକଅପ୍ ଭ୍ୟାନ, ୩ ଆହତ**

ଜୟପୁର,(ପବନ ପାଣିଗ୍ରାହୀ)-କୋରାପୁଟ ଜିଲା ଶ୍ରମ ଅଧିକାରୀ ବୃନ୍ଦାବନ ସେଠୀଙ୍କ ଗାଡି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏକ ସରକାରୀ କାର୍ଯ୍ୟକ୍ରମରେ ଜୟପୁରଠାରୁ କୁନ୍ଦୁରା ଅଭିମୁଖେ ଯାଉଥିବା ବେଳେ କାଳିଆ ଗାଁ ଛକରେ ଏକ ପିକଅପ୍ ଭ୍ୟାନ ସହ ଏହା ଧକ୍କା ହୋଇଥିଲା। ଏଥିରେ ଶ୍ରମ ଅଧିକାରୀ ସେଠୀଙ୍କ ସହ ଜିଲା ସହ ଶ୍ରମ ଅଧିକାରୀ ଚୈତନ୍ୟ ପ୍ରସାଦ ମାଝୀ ଓ ବୁଲୁ ଶ୍ରୀ ହରିଆ ଆହତ ହୋଇଛନ୍ତି। ଆହାତମାନଙ୍କୁ ଜୟପରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

## ସଂକ୍ଷେପରେ

### ଅଜଗର ଉଦ୍ଧାର

ଜୟପୁର, ୨୫।୭ (ପବନ ପାଣିଗ୍ରାହୀ)-ଜୟପୁର ବ୍ଲକ ଅନ୍ତର୍ଗତ ରଣ୍ଡାପାଲ୍ଲିରୁ ମଙ୍ଗଳବାର ଏକ ବିରାଟ ଅଜଗର ଉଦ୍ଧାର ହୋଇଛି। ଏହାର ଲମ୍ବ ପ୍ରାୟ ୮ ଫୁଟ ହେବ। ସାପଟି ଗ୍ରାମ ଭିତରକୁ ଆସି ଏକ ଛେଳିକୁ ଧରିଥିବା ବେଳେ ଗ୍ରାମବାସୀ ପାଟି କରିବାରୁ ଛେଳିକୁ ଛାଡି ଦେଇଥିଲା। ଏନେଇ ଗ୍ରାମବାସୀ ବନ ବିଭାଗକୁ ଖବର ଦେଇଥିଲେ। ବନାଞ୍ଚଳ ଅଧିକାରୀ ଚଚ୍ଚିଦାନନ୍ଦ ପରିଡା, ସ୍ନେକ ହେଲପ ଲାଇନର ରବିନ୍ଦ୍ର ରାଉତ ପହଞ୍ଚି ଅଜଗରକୁ ଉଦ୍ଧାରକରି ନିକଟସ୍ଥ ଜଙ୍ଗଲରେ ନେଇ ଛାଡିଥିଲେ।

### ସନ୍ଦୀପ ଜିଲା ଯୁବ କଂଗ୍ରେସ ସଭାପତି

ଜୟପୁର, ୨୫।୭ (ପବନ ପାଣିଗ୍ରାହୀ)- କୋରାପୁଟ ଜିଲା ଯୁବ କଂଗ୍ରେସ ସଭାପତି ହୋଇଛନ୍ତି ସନ୍ଦୀପ ସାମନ୍ତରାୟ। ଏନେଇ ସେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କୁ କୃତଜ୍ଞତା ଜଣାଇଛନ୍ତି। ବିଗତ ଦିନରେ ସନ୍ଦୀପ ବିକ୍ରମଦେବ କଲେଜର ସଭାପତି ଥିଲେ। କଂଗ୍ରେସର ସକ୍ରିୟ ସଭ୍ୟ ରୂପେ କାର୍ଯ୍ୟ କରୁଥିଲେ।

### ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ବୈଠକ

ଜୟପୁର, ୨୫।୭ (ପବନ ପାଣିଗ୍ରାହୀ)- ଏଆଇଟିୟୁସି ସହବନ୍ଧିତ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ କୋରାପୁଟ ଜିଲା କମିଟିର ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଶ୍ରମିକ ନେତା ଯୁଧିଷ୍ଠିର ରାଉଳଙ୍କ ତତ୍ତ୍ୱାବଧାନରେ ବସିଥିବା ଏହି ବୈଠକରେ ଶ୍ରମିକମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଦିନକୁ ଦିନ ନିର୍ମାଣ ଶ୍ରମିକମାନଙ୍କ ସମସ୍ୟା ବଢୁଥିବା ବେଳେ ଏହାକୁ ସମାଧାନ କରିବା ଦିଗରେ ପ୍ରଶାସନ କୌଣସି ପଦକ୍ଷେପ ନେଉନାହିଁ। ଫଳରେ ଏନେଇ ଆସନ୍ତା ସେପ୍ଟେମ୍ବର ୧୦ରେ କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନକରି ଦାବିପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ବୈଠକରେ ନିଷ୍ପତ୍ତି ହୋଇଥିଲା। ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ସାଧାରଣ ସମ୍ପାଦକ ବ୍ରଜବନ୍ଧୁ ପ୍ରଧାନ ଓ ସମ୍ପାଦକ ଏନ୍. ଗୋପାଳଙ୍କ ସଂଘର ସଦସ୍ୟମାନେ ଉପସ୍ଥିତ ଥିଲେ।

### ଗଞ୍ଜେଇ ଜବତ, ୪ ଗିରଫ

ଚିତ୍ରକୋଣ୍ଡା, ୨୫।୭(କ୍ଷୀରୋଦ ବେହେରା)- ଚିତ୍ରକୋଣ୍ଡା ପୋଲିସ ବିପୁଳ ପରିମାଣର ଗଞ୍ଜେଇ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରିଛି। ଏଥିସହ ଗୋଟିଏ ବୋଲେରୋ ପିକ ଅପ୍ ଗାଡି ମଧ ଜବତ କରିଛି। ମୋଟ ୨୮୧ କେଜି ଗଞ୍ଜେଇ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ କୋରାପୁଟ ଜିଲା ମାଛକୁଣ୍ଡ ଥାନା ଅନ୍ତର୍ଗତ ସୁରୁମି ଗ୍ରାମର ଏଙ୍କେଟି ରାଓ ନିରିକା, ରଞ୍ଜନ ଗାଡଙ୍ଗ, ଈଶ୍ୱର ନିରିକା ଓ ଜୟପୁର ସଦର ଥାନା ଏକାମ୍ବ ଗ୍ରାମର ଲଳିତ ହରିଜନ। ଏଥିସହ ବୋଲେରୋ ଓ ବାଇକ୍ ସହ ଅଭିଯୁକ୍ତଙ୍କ ଠାରୁ ୫ ଟି ମୋବାଇଲ ଜବତ କରାଯାଇଛି। ଚିତ୍ରକୋଣ୍ଡା ଥାନା ନଂ. ୧୩୫/୨୩ରେ ମାମଲା ରୁଜୁ କରି ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ସୋମବାର ରାତିରେ ଚିତ୍ରକୋଣ୍ଡା ପୋଲିସ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ବେଳେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ ଏସ୍ଆର କମ୍ପାନୀ ଛକ ନିକଟରେ ଜଗିଥିଲେ। ତେବେ ଉକ୍ତ ରାସ୍ତା ଦେଇ ପ୍ରଥମେ ଗୋଟିଏ ବାଇକ୍ ଓ ପଛରେ ଗୋଟିଏ ପିକ ଅପ୍ ବୋଲେରୋ ଆସୁଥିବା ଦେଖି ଉଭୟ ଗାଡିକୁ ଅଟକାଇ ଯାଞ୍ଚ କଲା ପରେ ବୋଲେରୋରେ ଗଞ୍ଜେଇ ଥିବା ଜାଣି ଏଥିରେ ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରିଥିଲେ।

### କୋଟପାଡରେ ସର୍ବାଧିକ, ଦଶମନ୍ତପୁରରେ ସର୍ବନିମ୍ନ ବର୍ଷା

କୋରାପୁଟ,୨୫।୭(ଅମିତାଭ ବେହେରା)- ମଙ୍ଗଳବାର କୋରାପୁଟ ଜିଲାରେ ୩୪୭.୫ ମି.ମି. ବର୍ଷା ହୋଇଛି। ସେଥିରୁ ଜିଲାର କୋଟପାଡ ବ୍ଲକରେ ସର୍ବାଧିକ ୭୪ ମି.ମି. ବର୍ଷା ହୋଇଥିବା ବେଳେ ଦଶମନ୍ତପୁର ବ୍ଲକରେ ସର୍ବନିମ୍ନ ୮ ମି.ମି. ବର୍ଷା ହୋଇଥିବା ଜିଲା ଜରୁରୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ କହିଛନ୍ତି।

# ଅଗଷ୍ଟ ୨୫ ସୁଦ୍ଧା ସରକାର ନ ଶୁଣିଲେ କାର୍ଯ୍ୟ ବନ୍ଦ

ଜୟପୁର, ୨୫।୭ (ପବନ ପାଣିଗ୍ରାହୀ )



ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି ।

ମହାତ୍ମା ଗାନ୍ଧୀ ଜାତୀୟ କର୍ମ ନିଯୁକ୍ତି ଯୋଜନା କାର୍ଯ୍ୟ ତରାନ୍ୱିତ ପାଇଁ ପ୍ରତି ବ୍ଲକରେ ୨୦୧୨ରୁ ନିଯୁକ୍ତ ହୋଇଥିବା ଏପିଓ ଏବଂ ଜିଲା ସଂଯୋଜକମାନେ ମଙ୍ଗଳବାର ପ୍ରତ୍ୟେକ ଜିଲାରେ ଜିଲାପାଳମାନଙ୍କୁ ଦାବିପତ୍ର ପ୍ରଦାନ କରି ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ଓଡ଼ିଶା ଏମ୍‌ଜିଏନଆରଇଜିଏସ୍ ସଂଯୋଜକ ଏବଂ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ସଂଘ ପକ୍ଷରୁ ଜୟପୁରଠାରେ ଏକ ଖବରଦାତା ସମ୍ମିଳନୀ କରାଯାଇ ରାଜ୍ୟ ସାଧାରଣ ସମ୍ପାଦକ ମାନସ ରଞ୍ଜନ କର ଓ ସାଗରିକା ପଣ୍ଡା କହିଛନ୍ତି ଯେ, ଦୀର୍ଘ ବର୍ଷ ଧରି ସରକାରଙ୍କ ପଞ୍ଚାୟତିରାଜ ବିଭାଗ ଅଧୀନରେ କାର୍ଯ୍ୟ କରୁଥିଲେ ମଧ୍ୟ ସେମାନଙ୍କୁ ଠିକା କର୍ମଚାରୀ ଭାବେ ରଖାଯାଇଛି। ସରକାର ଆଉଟ ସୋର୍ସିଂ କର୍ମଚାରୀମାନଙ୍କୁ ନିୟମିତ କରିଥିଲେ ମଧ୍ୟ ସେମାନଙ୍କ କଥା ବିଚାରକୁ ନେଉନାହାନ୍ତି । ଏହା ସେମାନଙ୍କ ପ୍ରତି ଅନ୍ୟାୟ। ସରକାର ତୁରନ୍ତ ସେମାନଙ୍କ ଚାକିରି ନିୟମିତ କରିବାକୁ ସଂଘ ଦାବି କରିଛି। ଏପରିକି ସେମାନଙ୍କୁ ବିଡିଓ, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ମଧ୍ୟ ପଦୋନ୍ନତି ଦେବାକୁ ସଂଘ

**ଏପିଓଙ୍କ ଆନ୍ଦୋଳନ ଚେତାବନୀ**

ଦାବି କରିଛି। ବିହାର, ଛତିଶଗଡ଼ ଏବଂ ରାଜସ୍ଥାନ ଭଳି ରାଜ୍ୟରେ ଏହି ପଦବୀଗୁଡ଼ିକ ସମ୍ପୃକ୍ତ ରାଜ୍ୟର ରାଜ୍ୟ ସରକାରମାନେ ନିୟମିତ କରିଥିବା ବେଳେ ଓଡ଼ିଶା କ୍ଷେତ୍ରରେ ଅବହେଳା କରାଯାଉଛି ବୋଲି ସଂଘ ପ୍ରକାଶ କରିଛି। ଯଦି ଆସନ୍ତା ଅଗଷ୍ଟ ୨୫ ମଧ୍ୟରେ ରାଜ୍ୟ ସରକାର ସେମାନଙ୍କ ଦାବି ପ୍ରତି ଗୁରୁତ୍ୱ ଦେଇ ପଦକ୍ଷେପ ନ ନିଅନ୍ତି ତେବେ ସେମାନେ ଆନ୍ଦୋଳନ କରିବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି।

# ଘେନୁଙ୍କୁ ସହାୟତା କରିବ ଜିଲା ପ୍ରଶାସନ

ବୈପାରିଗୁଡା,୨୫।୭ (କଳ୍ପତରୁ ମହାନ୍ତି)

କୋରାପୁଟ ଜିଲା ବୈପାରିଗୁଡା ବ୍ଲକ ଅନ୍ତର୍ଗତ ମାଝିଗୁଡା ପଞ୍ଚାୟତର ସିମିଳିପଦର ଗ୍ରାମର ଘେନୁ ଖିଲ(୨୮) ଅଷ୍ଟ୍ରେଲିଆର ସଡ୍‌ନି ବିଶ୍ୱବିଦ୍ୟାଳୟରେ ୪ବର୍ଷ ପଢିବାକୁ ମନୋନୀତ ହୋଇଛନ୍ତି। ମାତ୍ର ତାଙ୍କ ପାଇଁ ଅର୍ଥ ସାଜିଥିଲା ବାଧକ। ଏଥିପାଇଁ ତାଙ୍କୁ କେନ୍ଦ୍ର ଆଦିବାସୀ ମନ୍ତ୍ରଣାଳୟ ପକ୍ଷରୁ ନ୍ୟାଶନାଲ ଓଭରସିଜ୍ ସ୍କଲାରସିପ ପ୍ରଦାନ କରାଯାଇଛି। ମାତ୍ର ସେଠାକୁ ଯାଇ ରହି କିଛି ଦିନ ନିଜେ ଚଳିବାକୁ ଅନ୍ତତଃ ୧ଲକ୍ଷ ଟଙ୍କା ଆବଶ୍ୟକ। ଏହି ଅର୍ଥ ଦେବାକୁ ତାଙ୍କ ପରିବାର ଅସମର୍ଥ। ଫଳରେ ତାଙ୍କର ଅଷ୍ଟ୍ରେଲିଆ ଗସ୍ତ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। ଏହି ଖବର ଧରିତ୍ରୀରେ ରବିବାର ପ୍ରକାଶ ପାଇବା ପରେ ଘେନୁଙ୍କୁ

**ବଣପାହାଡ ଘେରା ସିମିଳିପଦରରୁ ଅଷ୍ଟ୍ରେଲିଆ**

ବିଭିନ୍ନ ମହଲରୁ ସହାୟତା ଲାଗି ପ୍ରତିଶ୍ରୁତି ମିଳିଛି। ପୂର୍ବତନ ବିଧାୟକ ତଥା ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଚନ୍ଦ୍ରଶେଖର ମାଝି ଏହା ଜାଣିବା ପରେ ଘେନୁଙ୍କ ସହ ଫୋନରେ କଥା ହୋଇଛନ୍ତି। ଏହି ସମୟରେ ସେ ଏ ସଂକ୍ରାନ୍ତୀୟ ସମସ୍ତ କାଗଜପତ୍ର ଜିଲାପାଳଙ୍କ ନିକଟରେ ଦାଖଲ କରିବାକୁ ପରାମର୍ଶ ଦେଇଥିଲେ। ସୋମବାର ଘେନୁ କୋରାପୁଟ ଜିଲାପାଳ ଅବଦଲ୍ ଏମ୍. ଆଖତରଙ୍କୁ ଭେଟି ତାଙ୍କର ସିଡନ୍ ବିଶ୍ୱ ବିଦ୍ୟାଳୟରେ ପଢିବା ନେଇ ସମସ୍ତ କାଗଜପତ୍ର ପ୍ରଦାନ କରିଥିଲେ। ତାଙ୍କୁ ସହାୟତା କରିବାକୁ ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

# ୯ବର୍ଷ ହେଲା ଅଜଣା ରୋଗରେ ଶଯ୍ୟାଶାୟୀ ପୁଅ

ନନ୍ଦପୁର/ଲମତାପୁଟ ୨୫।୭ (ଶଙ୍କର ପୂଜାରୀ)

କୋରାପୁଟ ଜିଲା ଲମତାପୁଟ ବ୍ଲକର ବାଦିଗଡ଼ ପଞ୍ଚାୟତର ରିଡାଲ ଗ୍ରାମରେ ଜଣେ ୨୯ ବର୍ଷୀର ଶଯ୍ୟାଶାୟୀ ପୁଅକୁ ବୃଦ୍ଧ ମା'ବାପା ସେବା ଶୁଶ୍ରୂଷା କରୁଥିବା ଦେଖିବାକୁ ମିଳିଛି। ଅର୍ଥ ଅଭାବରୁ ପୁଅର



ଶଯ୍ୟାଶାୟୀ ଭୀମ।

ଚିକିତ୍ସା କରାଇ ପାରୁନାହାନ୍ତି ପରିବାର। ୧୦ ବର୍ଷ ତଳେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିଲେ ପୁଅ ଭୀମ ଶିସା। ପରିବାର ପ୍ରତିପୋଷଣ ସହ ବୃଦ୍ଧ ମାଆବାପାଙ୍କ ସାହାରା ହେବାକୁ ଲକ୍ଷ୍ୟ ରଖିଥିଲେ ଭୀମ। ମାତ୍ର ବିଧିର ବିଧାନ ଥିଲା ଅଲଗା। ବାହାର ରାଜ୍ୟରେ କାମ

**ଚିକିତ୍ସା ନେଇ ଚିନ୍ତାରେ ମା'ବାପା**

କରୁଥିବା ସମୟରେ ଅଜଣା ରୋଗରେ ଆକ୍ରାନ୍ତ ହୋଇଥିଲେ ଭୀମ। ଆଉ କାମ କରି ନ ପାରି ନିରାଶରେ ଘରକୁ ଫେରିଲେ ସେ। ପାଖ ଡାକ୍ତରଖାନାରେ ପୁଅକୁ ଦେଖାଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ଅଧିକ ଚିକିତ୍ସା ପାଇଁ ଅନ୍ୟତ୍ର ନେବାକୁ ସମ୍ବଳ ନାହିଁ। ଫଳରେ ଆଜିକୁ ୯ ବର୍ଷ ହେଲା ପୁଅ ଶଯ୍ୟାଶାୟୀ ହୋଇ ରହିଛି ବୋଲି କହନ୍ତି ବାପା ଡମ୍ବୁ ଶିସା ଓ ମା ସମ୍ବାରୀ। କୁଲି ମଜୁରି ଲାଗି ଯାହା ମିଳିଛି ଏବଂ ସ୍ୱଳ୍ପଚାଷଜମିରୁ ଯାହା ମିଳୁଛି ସେଥିରେ କଷ୍ଟରେ ଚଳୁଛି ପରିବାର। ପୁଅର ଚିକିତ୍ସା ପାଇଁ ସମ୍ବଳ ଯୋଗାଡ କରିପାରୁନି ବୋଲି କହିଛନ୍ତି ଡମ୍ବୁ। ପୁଅକୁ ସହାୟତା ଯୋଗାଇ ଦେବାକୁ ସେ ଲମତାପୁଟ ବ୍ଲକ, କୋରାପୁଟ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି ଏହି ବୃଦ୍ଧ ଦମ୍ପତି।

## ଶ୍ରମିକ କଲ୍ୟାଣ ଯୋଜନାରେ ହିତାଧିକାରୀଙ୍କୁ ସହାୟତା

କୁନ୍ଦୁରା, ୨୫।୭(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ କଲ୍ୟାଣ ମଣ୍ଡପଠାରେ ଶ୍ରମ ବିଭାଗ ପକ୍ଷରୁ ଶ୍ରମିକ କଲ୍ୟାଣ ଯୋଜନାରେ ହିତାଧିକାରୀଙ୍କୁ ବିଭିନ୍ନ ପ୍ରକାରର ସହାୟତା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ କୋଟପାଡ଼ ବିଧାୟିକା ପଦ୍ମିନୀ ଦିଆନ, ଜିଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ, ଜିଲା ପରିଷଦସଭ୍ୟ କନକଲତା ପେଣ୍ଡିଆ, ପଞ୍ଚାୟତ ସମିତି ଅଧ୍ୟକ୍ଷା ରାଜେଶ୍ୱରୀ ପରଜା,ବିଡିଓ ବିଚିତ୍ରାନନ୍ଦ ନାୟକ, ସରପଞ୍ଚ ଲବ ପରଜା, ଅତିରିକ୍ତ ଶ୍ରମ ଅଧିକାରୀ ସିପି ମାଝୀ, ଅତିରିକ୍ତ ଶ୍ରମ ଅଧିକାରୀ ବୁଲୁ ଶ୍ରୀହରିଆ ପ୍ରମୁଖ ଯୋଗଦେଇ ଥିଲେ। ଶ୍ରମିକ କଲ୍ୟାଣ ଯୋଜନାରେ ୨୧ ଜଣଙ୍କୁ ଶିକ୍ଷା ସହାୟତା ନିମନ୍ତେ ୧ଲକ୍ଷ ୪୧ହଜାର ୪୦୦, ବିବାହ ସହାୟତା ନିମନ୍ତେ ୫୨ ଜଣ ହିତାଧିକାରୀଙ୍କୁ ୨୬ହଜାର ,ମାତୃତ୍ୱ ସହାୟତା ବାବଦକୁ ୭ ଜଣ ହିତାଧିକାରୀଙ୍କୁ ୭୦ହଜାର ଟଙ୍କା ପ୍ରଦାନ କରାଯାଇଛି। ଏହି ଅବସରରେ ୧୫୦ ଜଣ ନିର୍ମାଣ ଶ୍ରମିକଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଛି। ସେହିଭଳି ଅଣ କୁଶଳୀ ୨୫ ଜଣ ଶ୍ରମିକଙ୍କୁ ମଧ୍ୟ ପରିଚୟ ପତ୍ର ପ୍ରଦାନ କରାଯାଇଛି।

# ଦୋକାନ କାନ୍ଥ ପଡ଼ି ବୃଦ୍ଧଙ୍କ ମୃତ୍ୟୁ

ପଟ୍ଟାଙ୍ଗି,୨୫।୭(ଶରତ ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ଥାନା ଅନ୍ତର୍ଗତ ପୁକାଲି ପଞ୍ଚାୟତର ମାଳିଗୁଡା ଗ୍ରାମର ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ସେହେଲେ ବଳରାମ ପାଙ୍ଗୀ। ନିଜ ଘରଠାରୁ କିଛି ଦୂରରେ ଗ୍ରାମର ରାସ୍ତା ପାର୍ଶ୍ୱରେ ବଳରାମ ଏକ ଚା' ଦୋକାନକରି ପରିବାର ଭରଣପୋଷଣ କରୁଥିଲେ। ସବୁଦିନ ରାତିରେ ସେ ଦୋକାନ ବନ୍ଦ କରି ଘରକୁ ଆସି ଖାଇ ସାରି ପୁଣି ଉକ୍ତ ଦୋକାନକୁ ଯାଇ ଶୋଉଥିଲେ। ସୋମବାର ବଳରାମ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ଖାଇବାକୁ ନ ଆସିବାରୁ ପରିବାର ଲୋକେ ତାଙ୍କ ଚା'ଦୋକାନରେ ପହଞ୍ଚି ବଳରାମଙ୍କୁ ଖାଇବା ପାଇଁ ଡାକିଥିଲେ। ମାତ୍ର ଦୋକାନ ଭିତରୁ କିଛି ଉତ୍ତର ମିଳି ନ ଥିଲା। ଦୋକାନ କାନ୍ଥ ବଳରାମଙ୍କ ଉପରେ ପଡି ସେ କାନ୍ଥ ତଳେ ଚାପିହୋଇ ରହିଥିବା ପରିବାର ଲୋକେ ଦେଖିବାକୁ ପାଇ ଗ୍ରାମବାସୀଙ୍କୁ ଡାକ ପକାଇଥିଲେ। ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି କାନ୍ଥ ତଳେ ଚାପି ହୋଇ ରହିଥିବା ବଳରାମଙ୍କୁ ଉଦ୍ଧାର କରିଥିଲେ। ମାତ୍ର ସେତେବେଳକୁ ବଳରାମଙ୍କ ମୃତ୍ୟୁ ଘଟି ସାରିଥିଲା। ଏ ନେଇ ମଙ୍ଗଳବାର ପୁକାଲି ରାଜସ୍ୱ ନିରୀକ୍ଷକ ହରୀଶ ଚନ୍ଦ୍ର ପାତ୍ର ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତକରି ତହସିଲଦାରଙ୍କୁ ଏକ ରିପୋର୍ଟ ଦେଇଛନ୍ତି। ପରିବାର ସଦସ୍ୟ ପଟ୍ଟାଙ୍ଗି ଥାନାରେ ଲିଖିତ ଭାବେ ଜଣାଇଛନ୍ତି। ପୋଲିସ ମଧ୍ୟ ଏହାକୁ ଭିତ୍ତିକରି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ଏନେଇ ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ କହିଛନ୍ତି, ରାଜସ୍ୱ ନିରୀକ୍ଷକଙ୍କ ତଦନ୍ତ ରିପୋର୍ଟ ଅନୁଧ୍ୟାନ କରାଯାଇ ବଳରାମଙ୍କ ପରିବାରକୁ ରେଡ୍‌କ୍ରସ୍‌ରୁ ଆର୍ଥିକ ସହାୟତା ପ୍ରଦାନ କରାଯିବ। ସୂଚନାଯୋଗ୍ୟ, ଲଗାଣ ବର୍ଷାରେ ବଳରାମଙ୍କ ଦୋକାନ କାନ୍ଥ ଭିଜି ବିପଦସଙ୍କୁଳ ଅବସ୍ଥାରେ ରହିଥିଲା।

# ସାହି ମଝିରେ ଧାନତଳି ରୋଇ ପ୍ରତିବାଦ କଲେ ଗ୍ରାମବାସୀ

ଦଶମନ୍ତପୁର, ୨୫।୭ (ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ମୁଜାଙ୍ଗ ପଞ୍ଚାୟତର ଥିବା ଖଜୁରିଗୁଡ଼ା ଗ୍ରାମର ୩ଟି ସାହିରେ ଲଗାଣବର୍ଷା ଯୋଗୁ ରାସ୍ତା କାଦୁଅ ହୋଇ ଲୋକଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ସାହି ମଝିରେ ଧାନତଳି ରୋଇ ଗ୍ରାମବାସୀ ପ୍ରତିବାଦ ଜଣାଇଛନ୍ତି।

ଏହି ଗ୍ରାମରେ ୩ ଗୋଟି ସାହିରେ ୭୦ ପରିବାର ବସବାସ କରିଥାନ୍ତି। ଜନସଂଖ୍ୟା ୩୫୦ରୁ ଉର୍ଦ୍ଧ୍ୱ ହେବ। ବଡ଼ଗୁଡ଼ା ଛକଠାରୁ ମାତ୍ର ୩ କି.ମି. ଦୂରରେ ଥିବା ଏହି ଗ୍ରାମର ସାହିଗୁଡିକରେ ପକ୍କା ରାସ୍ତା ଲାଗି ଅନେକ ଥର ଗ୍ରାମବାସୀ ପଞ୍ଚାୟତଠାରୁ ଆରମ୍ଭକରି ବ୍ଲକ ପ୍ରଶାସନ ଏବଂ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜଣାଇଥିଲେ। ମାତ୍ର ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ନେଇ ନ ଥିଲା। ଗ୍ରାମର ୩ଟି ସାହିକୁ ବାହାର ଦୂଷିତ ଜଳ ଆସି ସାହି

**ରାସ୍ତା ସମସ୍ୟା ସୁଧାରିଲାନି ପ୍ରଶାସନ**

ମଝିରେ ଦେଢ଼ ଫୁଟର କାଦୁଅରେ ପରିପୂର୍ଣ୍ଣ ହୋଇଯାଉଛି। ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁ ମଶା, ମାଛି ସୃଷ୍ଟି ହୋଇ ଆମେ ବିଭିନ୍ନ ରୋଗର ଶିକାର ହେଉଛୁ ବୋଲି ଗ୍ରାମର ମହିମା ଗୌଡ, ତୁଳସା ମୁଦୁଲି, କୌଶଲ୍ୟା କମାର, ରଇଲା ଗୌଡ, ଅଇଲା ନାୟକ, ରାଇମତୀ ପାଙ୍ଗୀ, ଜମ୍ବବତୀ କମାର କହିଛନ୍ତି। ଶେଷରେ ଆମେ ତଳଗୌଡ ସାହିରେ ସମସ୍ତେ ମିଶି ଧାନତଳି ରୋଇଛୁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ତେବେ ଖୁବ ଶୀଘ୍ର ଆମ ୩ ସାହିରେ ପ୍ରଶାସନ ପକ୍ଷରୁ ରାସ୍ତା ନିର୍ମାର ଲାଗି ପଦକ୍ଷେପ ନ ନେଲେ ଆମେ ଆଗାମୀ ସାଧାରଣ ନିର୍ବାଚନ ଭୋଟ ବର୍ଜନ କରିବୁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।



ଗ୍ରାମ ରାସ୍ତାରେ ଗ୍ରାମବାସୀ ଧାନ ତଳି ରୋଇଛନ୍ତି।

## ମାଣ୍ଡିଆର ପୁଷ୍ଟି ପୋଷକତା ସମ୍ପର୍କିତ କର୍ମଶାଳା ଉଦ୍‌ଯାପିତ

ନନ୍ଦପୁର, ୨୫।୭ (ଶଙ୍କର ପୂଜାରୀ)

ମାଣ୍ଡିଆକୁ ବ୍ୟବହାର କରି ବିଭିନ୍ନ ପ୍ରକାରର ଖାଦ୍ୟ ପ୍ରସ୍ତୁତ କରିବା ଓ ଖାଦ୍ୟ ରୂପେ ବ୍ୟବହାର କରି ଶିଶୁ, ବୃଦ୍ଧା ବୃଦ୍ଧ, ଗର୍ଭବତୀ, ପ୍ରସୂତି, କିଶୋରୀ ବାଳିକାଙ୍କ ପୁଷ୍ଟିହୀନତା ଦୂର କରିବାକୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରଗତି ଆନୁକୂଲ୍ୟରେ ଚାଲିଥିବା ଦୁଇ ଦିନିଆ କର୍ମଶାଳା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ବ୍ଲକ ଶିଶୁ ବିକାଶ କାର୍ଯ୍ୟାଳୟ ବୈଠକ ଗୃହରେ ଆୟୋଜିତ ଏହି କର୍ମଶାଳାରେ କୃଷି ଅଧିକାରୀ ଦେବାଶିଷ ଦେଶିନାୟକ, ସିଡ଼ିପିଓ ମିନତିବାଳା ପଟ୍ଟନାୟକ, ମିଶନ ଶକ୍ତି ବିପିସି ଶ୍ରୀଧର ଜାନି ପ୍ରମୁଖ ଉପସ୍ଥିତ ଥିଲେ। ଉପସ୍ଥିତ ଅଙ୍ଗନୱାଡ଼ି କର୍ମୀ ମାନେ ମାଣ୍ଡିଆକୁ ବ୍ୟବହାର କରି ପ୍ରସ୍ତୁତ କରିଥିବା ବିଭିନ୍ନ ବ୍ୟଞ୍ଜନ ପ୍ରଦର୍ଶନ କରିଥିଲେ। ମାଣ୍ଡିଆର ପୁଷ୍ଟି ପୋଷକତା ସମ୍ପର୍କରେ ନିଜ ଅଞ୍ଚଳର ଲୋକଙ୍କୁ ସଚେତନ କରି ମାଣ୍ଡିଆର ବହୁଳ ବ୍ୟବହାର କରିବାକୁ ଅଧିକାରୀମାନେ ବୁଝାଇଥିଲେ। ପ୍ରଗତିର ମୁଖ୍ୟ ରାମାନୁଜ ମହାପାତ୍ର କର୍ମଶାଳା ପରିଚାଳନା କରିଥିଲେ।

# ମଣିପୁର ଘଟଣା ନେଇ ବିକ୍ଷୋଭ ପ୍ରଦର୍ଶନକରି ପ୍ରତିବାଦ ଜଣାଇଲା ସିପିଆଇ




ସିପିଆଇ କର୍ମକର୍ତ୍ତାମାନେ ମଣିପୁର ଘଟଣାର ପ୍ରତିବାଦ କରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଜୟପୁର,୨୫।୭(ପବନ ପାଣିଗ୍ରାହୀ)

ମଣିପୁରରେ ଘଟିଥିବା ଲଜ୍ଜାଜନକ ଘଟଣାର ପ୍ରତିବାଦକରି ସର୍ବଭାରତୀୟ ସ୍ତରରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ମଣିପୁର ଦିବସ ପାଳନ କରିଛି। କୋରାପୁଟ ଜିଲା ଜୟପୁର ମୁଖ୍ୟ ଟ୍ରାଫିକ ଛକଠାରେ ମଧ ଏନେଇ ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମଣିପୁରରେ ଜାତିଗତ ସାମ୍ପ୍ରଦାୟିକ ଦଙ୍ଗା ହିଂସାରେ ପ୍ରାୟ ୨ ଶହ ଲୋକଙ୍କ ଜୀବନହାନି ଘଟିଲାଣି। ୭୦ ହଜାର ଲୋକ ରିଲିଫ କ୍ୟାମ୍ପରେ ରହୁଛନ୍ତି। ମଣିପୁର ଘଟଣାକୁ ୩ମାସ ବିତିଯାଇଥିଲେ ମଧ ପ୍ରଧାନମନ୍ତ୍ରୀ ଏ ସମ୍ପର୍କରେ ମୁହଁ ଖୋଲିନାହାନ୍ତି। ସେଠାରେ ମହିଳାଙ୍କୁ ଉଲଗ୍ନକରି ଚଲେଇବା, ପାଶବିକ ଅତ୍ୟାଚାର କରିବା ଦେଶ ପାଇଁ ଲଜ୍ଜା ଆଣିଛି। ଏହା ଦେଶ ପାଇଁ ବହୁମାତ୍ରାରେ କ୍ଷତି ପହଞ୍ଚାଇଛି ବୋଲି ଅଭିଯୋଗ କରି ଭାଜପାକୁ ଦେଶର ଶାସନ ଗାଦିରୁ ହଟେଇବା ପାଇଁ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଆହ୍ୱାନ ଦେଇଛି। ମଣିପୁର ମୁଖ୍ୟମନ୍ତ୍ରୀ ବୀରେନ୍ ସିଂହ ସମସ୍ୟା ସମାଧାନ କରି ଶାନ୍ତି ରକ୍ଷାରେ ବିଫଳ ହୋଇଥିବାରୁ ଦଳ ତାଙ୍କର ଇସ୍ତଫା ଦାବି କରିଛି। ଆଜିର ବିକ୍ଷୋଭ କାର୍ଯ୍ୟକ୍ରମରେ ସିପିଆଇ ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ପ୍ରମୋଦ ମହାନ୍ତି, ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ, ଯୁବ ସଂଘ ରାଜ୍ୟ ସହ ସମ୍ପାଦକ କୁମାର ଜାନି, ଏଆଇଟିୟୁସି ସଙ୍ଗଠନର ଉତ୍ତମ ମଲ୍ଲିକ, ନନ୍ଦ ହରିଜନ, ଅନନ୍ତ ବାଘ, ବୈଦ୍ୟନାଥ ହରିଜନଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

# ଜିଲା ପୋଲିସ,ଏଆରଏସ୍‌ସି ଟିମ୍ ବିଜୟୀ

କୋରାପୁଟ,୨୫।୭(ଅମିତାଭ ବେହେରା)

କୋରାପୁଟଜିଲା ଫୁଟବଲଆସୋସିଏଶନ ପକ୍ଷରୁ ସ୍ଥାନୀୟ ଓଏସ୍‌ଏପି ତୃତୀୟ ବାଟାଲିଆନ ପଡିଆରେ ଚାଲିଥିବା ଜିଲାସ୍ତରୀୟ କେଡିଏଫ୍‌ଏ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ଆୟୋଜିତ ଦୁଇଟି ମ୍ୟାଚରେ କୋରାପୁଟ ଜିଲା ପୋଲିସ ଦଳ ଓ ଜୟପୁରର ଏଆର୍‌ଏସ୍‌ସି ଦଳ ବିଜୟୀ ହୋଇଥିବା ଜଣାପଡିଛି। ଏହି

**କେଡିଏଫଏ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ**

ଟୁର୍ଣ୍ଣାମେଣ୍ଟରେ ବାବୁଜୀ ପାତ୍ର ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଆୟୋଜିତ ପ୍ରଥମ ମ୍ୟାଚରେ ଜିଲା ପୋଲିସ ଏବଂ ବରଗୁଡା ଦଳ ପରସ୍ପରକୁ ଭେଟିଥିଲେ। ଜିଲା ପୋଲିସ ଟିମ୍ ବିପକ୍ଷ ବରଗୁଡାକୁ ଗୋଟିଏ ଗୋଲ ଦେଇ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ ଜୟପୁରର ଏଆରଏସସି ଓ କୋରାପୁଟର ଏସ୍‌ଆଇଟି ଟିମ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ଏଆରଏସସି ୨-୧ ଗୋଲ ବ୍ୟବଧାନରେ ବିପକ୍ଷ ଏସଆଇଟିକୁ ପରାସ୍ତ କରି ବିଜୟୀ ହୋଇଥିଲା। ଜେ କ୍ରିଷ୍ଣା ରାଓ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ ।

# ନାଲ୍‌କୋ ପଞ୍ଚପଟମାଳି ଖଣି ରାସ୍ତା ଅବରୋଧ କଲେ ଶ୍ରମିକ

ଲକ୍ଷ୍ମୀପୁର, ୨୫।୭ (ଅନନ୍ତ ନାୟକ)

ନାଲ୍‌କୋ ପାଞ୍ଚ ପଟମାଳି ଖଣି ଅଞ୍ଚଳକୁ ବ୍ରିଫ୍ଟ କୋର୍ଟ ନିକଟରେ ମଙ୍ଗଳବାର ଶ୍ରମିକମାନେ ରାସ୍ତା ଅବରୋଧ କରି ଅନ୍ଦୋଳନକୁ ଓହ୍ଲାଇଛନ୍ତି। ସକାଳ ୬ଟାରୁ ଏ ସିଫ୍ଟକୁ ଯାଉଥିବା କର୍ମଚାରୀଙ୍କ ବସ୍ ଏବଂ ଅନ୍ୟ ଗାଡିକୁ ଅଟକାଇ ସେମାନଙ୍କୁ କାର୍ଯ୍ୟସ୍ଥଳୀକୁ ଯିବାକୁ ଦେଇ ନଥିଲେ।

**ଠିକାସଂସ୍ଥା ମଜୁରି ଠିକ୍ ସମୟରେ ଦେଉ ନ ଥିବାରୁ ପ୍ରତିବାଦ**

ବହୁଦିନ ହେଲା ମେକନ୍ ନାମକ ଠିକା ସଂସ୍ଥା ଖଣି ଅଞ୍ଚଳରେ କାମକରି ଆସୁ ଥିଲେ ମଧ ଶ୍ରମିକମାନଙ୍କ ମଜୁରି ଠିକ୍ ସମୟରେ ଦେଉ ନ ଥିବା ଅଭିଯୋଗ କରି ଶ୍ରମିକମାନେ ଏପରି ପଦକ୍ଷେପ ନେଇଛନ୍ତି। ପୂର୍ବରୁ ସେମାନେ ଏ ସମ୍ପର୍କରେ ନାଲ୍‌କୋ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ କୌଣସିସୁଫଳ ନ ମିଳିବାରୁ ସେମାନେ ବର୍ଷା ସତ୍ତ୍ୱେ ବାଧ ହୋଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଫଳରେ ଶ୍ରମିକ ଆନ୍ଦୋଳନ ଯୋଗୁ ଖଣି ଅଞ୍ଚଳର ଏ ସିଫ୍ଟ ଏବଂ ଜେନେରାଲ ସିଫ୍ଟ କାର୍ଯ୍ୟ ପ୍ରଭାବିତ ହୋଇଛି। ଏ ନେଇ ନାଲକୋ ଡିଜିଏମ୍ ଏଚଆରଡି ପ୍ରସନ କୁମାର ସାହୁ, ସିଆଇଏସଏଫ୍ କର୍ତ୍ତୃପକ୍ଷ ଓ ପୋଲିସ ପହଞ୍ଚି ଶ୍ରମିକମାନଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ ନେଇ ପ୍ରତିଶ୍ରୁତି ଦେବା ପରେ ଶ୍ରମିକ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।



ରାସ୍ତା ଅବରୋଧ କରି ଆନ୍ଦୋଳନ ଚଳାଇଥିବା ଶ୍ରମିକମାନେ।

# କଫି ବୋର୍ଡ ଉପ ନିର୍ଦ୍ଦେଶକଙ୍କୁ ୧୯ ହଜାର ଜରିମାନା

**କୋରାପୁଟ ବ୍ଲକରେ ହୋଇଥିବା ବିଭିନ୍ନ ପ୍ରକଳ୍ପର ଜନଶୁଣାଣି**

କୋରାପୁଟ,୨୫।୭(ଅମିତାଭ ବେହେରା)

କୋରାପୁଟସ୍ଥିତ ଦକ୍ଷତା ବୃଦ୍ଧି ତାଲିମକେନ୍ଦ୍ରଠାରେ ଏମ୍‌ଜିଏନ୍‌ଆର୍‌ଜିଏସ୍ ଏବଂ ପଞ୍ଚଦଶ ଅର୍ଥ ଆୟୋଗ ଦ୍ୱାରା କୋରାପୁଟ ବ୍ଲକରେ କରାଯାଇଥିବା ବିଭିନ୍ନ ପ୍ରକଳ୍ପର ଜନ ଶୁଣାଣି ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଛି । ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଯୋଜନା ପାଇଁ ରହିଥିବା ନିୟମ ଅନୁସାରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ବ୍ଲକ ଅଧ୍ୟକ୍ଷ ନମିତା ମାଝି, ଉପାଧ୍ୟକ୍ଷ ଶିବ ଗୋଲରି, ଜିଲା ସମାଜିକ ସମୀକ୍ଷକ ଅନିଲ ମହାରଣା,




ଅଧିକାରୀମାନେ ଶୁଣାଣି କରୁଛନ୍ତି।

ଏମ୍‌ଜିଏନ୍‌ଆର୍‌ଜିଏସ୍‌ର ଲୋକପାଳ ନଳିନି ଟାକ୍ରି , ସହକାରୀ ନିର୍ବାହୀ ଯନ୍ତ୍ରୀ ତୁଷାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ । ଶୁଣାଣିରେ ଅନେକ ଆର୍ଥିକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ଜିଲା କଫି ବୋର୍ଡ ଉପନିର୍ଦ୍ଦେଶକ କଫି ବିଭାଗକୁ ପ୍ରଦତ୍ତ ୪୦ ଲକ୍ଷ ଟଙ୍କାରେ ସେ କଣ କାମ କରିଛନ୍ତି ସେ ନେଇ ଏମବି, କେସ୍ ରେକର୍ଡ ଓ ମାଷ୍ଟର ରୋଲରେ ତଥ୍ୟ ନ ଥିବାରୁ ତାଙ୍କୁ ୧୯ ହଜାର ଟଙ୍କା ଜରିମାନ ଦେବାକୁ ନିର୍ଦ୍ଦେଶ ହୋଇଥିବା ଲୋକପାଳ ଟାକ୍ରି କହିଛନ୍ତି। ସେହିପରି ଦେବୀଘାଟ ହାଇସ୍କୁଲର ବିଜ୍ଞାନ ପାର୍କ ନିର୍ମାଣର ନାମଫଳକ ନ ଲେଖି ୧୫ ହଜାର ୨୮୯ ଟଙ୍କା ବିଲ କରାଯାଇଥିବା ନେଇ ଶୁଣାଣି ବେଳେ ଅଭିଯୋଗ ହେବାରୁ ସମ୍ପୃକ୍ତ ପିଓ, କନିଷ୍ଠ ଯନ୍ତ୍ରୀ, ଜିଆର୍‌ଏସ୍ ଓ ସରପଞ୍ଚଙ୍କଠାରୁ ଟଙ୍କା ଆଦାୟ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ସେହିପରି ମାଛରା ପଞ୍ଚାୟତରେ ଖେଳ ପଡିଆ ନିର୍ମାଣ ଲାଗି କାର୍ଯ୍ୟସ୍ଥଳିରେ କୌଣସି ସୁବିଧା ନ କରି ଅର୍ଥ ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଥିଲା । ବ୍ଲକ ଏପିଓ ସନ୍ତୋଷୀ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାମାଜିକ ସମୀକ୍ଷକ ସୁଶାନ୍ତ ଖିଲ ସହଯୋଗ କରିଥିଲେ ।

